ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଅଜବ ନୀତି

# ବିନା ନିଲାମରେ ଲକ୍ଷାଧିକ ଟଙ୍କାର ଲୁହା ସାମଗ୍ରୀ ବିକ୍ରି



**ତାଳଚେର ସଦର ୧୧।୬(ସମିସ):** ତାଳଚେର ହାଟତୋଟାସ୍ଥିତ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରୁ ଲକ୍ଷାଧିକ ଟଙ୍କାର ଲୁହା ସାମଗ୍ରୀ ଜଣେ କବାଡ଼ି ବାଲାକୁ ବିନା ନିଲାମରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ଖଣିରୁ ଚୋରା କୋଇଲା କାରବାର ପାଇଁ ଜବତ ହୋଇଥିବା ସାଇକଲ, ସ୍କୁଟର, ମୋଟର ସାଇକଲ, ଟ୍ରକ୍, ୪୦୭ ଗାଡ଼ି, ଟେମ୍ପୋ ଇତ୍ୟାଦି ଖଣି କାର୍ଯ୍ୟାଳୟ ପରିସରରେ ପଡ଼ିରହିଥିଲା। ଏହାକୁ ନିଲାମ କରିବା ପାଇଁ ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ ତରବରିଆ ଭାବେ ନିଷ୍ପତ୍ତି ନିଆଯାଇ ବହୁ ମୂଲ୍ୟର ଏହି ଲୁହା ସାମଗ୍ରୀକୁ କମ୍ ମୂଲ୍ୟରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଖଣି କାର୍ଯ୍ୟାଳୟ ପକ୍ଷରୁ ଏହି ନିଲାମ ପ୍ରକ୍ରିୟା ପାଇଁ କୌଣସି ଖବରକାଗଜ କିମ୍ବା ଅନଲାଇନରେ ଟେଣ୍ଡର ବ୍ୟବସ୍ଥା ନକରି କେବଳ ବ୍ୟାକ୍ ଡେଟ୍ ଦେଇ ନାମକୁ ମାତ୍ର ଏକ ନୋଟିସ ଅଫିସ୍ କାର୍ଯ୍ୟାଳୟରେ ମାରି ଲୁହା ସାମଗ୍ରୀ ଗୁଡ଼ିକ ନିଲାମ କରାଯାଇଛି। ମାତ୍ର ୨ ଲକ୍ଷ ୬୨ ହଜାର ଟଙ୍କାରେ ଢେଙ୍କାନାଳର ଏକ ସଂସ୍ଥା ଏହାକୁ ହାତେଇଥିବା ଜଣାପଡ଼ିଛି। ଆହୁରି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଲୁହା ସାମଗ୍ରୀ ପଡ଼ିରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଖଣି ଉପନିର୍ଦ୍ଦେଶକ ଧରଣୀଧର ନାୟକଙ୍କ ସହ ଯୋଗାଯୋଗ କରିବାରୁ ଦୀର୍ଘ ବର୍ଷ ହେଲା ଜବତ ହୋଇ ପଡ଼ିରହିଥିବା ଏହି ସାମଗ୍ରୀଗୁଡ଼ିକୁ ତିନୋଟି କିସ୍ତିରେ ତିନିଥର ଟେଣ୍ଡର ପ୍ରକ୍ରିୟା କରାଯାଇ ଲୁହା ସାମଗ୍ରୀ ବିକ୍ରିକରିବା ପାଇଁ ଭୁବନେଶ୍ୱରସ୍ଥିତ ଖଣି ନିର୍ଦ୍ଦେଶାଳୟରୁ ଅନୁମତି ମିଳିଛି। ଏହି ଖୋଲା ଟେଣ୍ଡର ପାଇଁ ନୋଟିସ ମଧ୍ୟ କରାଯାଇଛି ବୋଲି ସେ କହିଛନ୍ତି।

ଆରଡବ୍ଲ୍ୟୁଏସଏସ୍ ବିଭାଗର ଅବହେଳା

# ପାନୀୟ ଜଳରୁ ବଞ୍ଚିତ ଅଲେଖ ମହିମା ମଠ ସାହି ବାସିନ୍ଦା



**ଅନୁଗୋଳସଦର ୧୧।୬(ସମିସ):** ଆରଡବ୍ଲ୍ୟୁଏସଏସ୍ ବିଭାଗର ଅବହେଳାରୁ ଗତ ଚାରିମାସ ହେବ ବନ୍ତଳା ବ୍ଲକ ବିଲେଇପଦା ଗ୍ରାମ ଅଲେଖ ମହିମା ମଠ ସାହି ବାସିନ୍ଦା ପିଇବା ପାଣି ମୁନ୍ଦେ ପାଇବା ପାଇଁ ହନ୍ତସନ୍ତ ହେଉଥିବା ଜଣାଯାଇଛି। ଉକ୍ତ ସାହିରେ ବିଭାଗ ପକ୍ଷରୁ ଏକ ନଳକୂପ ଖୋଳା ଯାଇଥିଲେ ମଧ୍ୟ ଏଥିରେ ହ୍ୟାଣ୍ଡେଲ ଓ ଅନ୍ୟାନ୍ୟ ସରଞ୍ଜାମ ଲଗାଯାଇ ନଥିବାରୁ ମଠ ସାହି ବାସିନ୍ଦା ପ୍ରଚଣ୍ଡ ଖରାରେ ପିଇବା ପାଣିରୁ ବଞ୍ଚିତ ହୋଇଛନ୍ତି। ଏ ବିଷୟକୁ ନେଇ ମଠ ସାହି ବାସିନ୍ଦା ଆରଡବ୍ଲ୍ୟୁଏସଏସ୍ ଜେଇ -୧ଙ୍କୁ ଦେଖାକରି ନଳକୂପ ଠିକ୍ କରିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ଏଥିପ୍ରତି କର୍ଣ୍ଣପାତ କରୁ ନଥିବା ଅଭିଯୋଗ କରାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ପିଇବା ପାଣି ଭଳି ଅତ୍ୟାବଶ୍ୟକ କାର୍ଯ୍ୟରେ ବିଭାଗ ସାହାଯ୍ୟ କରୁ ନଥିବାରୁ ମଠ ସାହି ବାସିନ୍ଦା ଏ ବିଷୟରେ ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

# ଏନ୍‌ଟିପିସି ପକ୍ଷରୁ ଆବାସିକ ବାଳିକା ସଶକ୍ତିକରଣ ମିଶନ କର୍ମଶାଳା ଉଦ୍‌ଯାପିତ





**କଣିହାଁ, ୧୧।୬(ସମିସ):** ଏକ ମାସ ଧରି ଆବାସିକ ବାଳିକା ସଶକ୍ତିକରଣ ମିଶନ ୨୦୨୪ (ଜିଏମ୍) କର୍ମଶାଳା ସିଏସଆର ଅଧୀନରେ ଏନଟିପିସି କାଣିହାଁ ଦ୍ୱାରା ପରିଚାଳିତ ଜୁନ ୧୦ ରେ ସମାପ୍ତ ହୋଇଯାଇଛି। ପଡ଼ୋଶୀ ସରକାରୀ ବିଦ୍ୟାଳୟରୁ ଷଷ୍ଠ ଶ୍ରେଣୀରେ ପଢୁଥିବା ମୋଟ ୧୦୯ ବାଳିକା ସଫଳତାର ସହିତ ତାଲିମ କାର୍ଯ୍ୟକ୍ରମ ସମାପ୍ତ କରିଛନ୍ତି। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୦ ଜଣ ଛାତ୍ରୀଙ୍କୁ ଏନଟିପିସି ଟାଉନସିପ୍ ବିଦ୍ୟାଳୟରେ ମାଗଣା ଶିକ୍ଷା ପ୍ରଦାନ କରାଯାଇଛି। ଏଥିପୂର୍ବରୁ କାର୍ଯ୍ୟକ୍ରମକୁ ଶ୍ରୀ ଏ କେ ସେହଗାଲ ହେଡ୍ ଅଫ ପ୍ରୋଜେକ୍ଟ ଏନଟିପିସି କଣିହାଁ ଏବଂ ଏସ୍ ରେନୁ ସେହଗଲ ସଭାନେତ୍ରୀ ତନଭି ସଙ୍ଗମ ଲେଡିଜ୍ କ୍ଲବ, ଶ୍ରୀ ସତ୍ୟ ରାମ କୃଷ୍ଣ, ଜିଏମ୍ (ଓ ଆଣ୍ଡ ଏମ୍), ପ୍ରକାଶ କୁମାର, ଜିଏମ୍ (ଏଫଏମ୍), ଏ ଜେ ରାଜକୁମାର, ଜିଏମ୍ (ରକ୍ଷଣାବେକ୍ଷଣ), ଏସ୍ ଏସ୍ ରାଓ, ଜିଏମ୍ (ଏଡିଏମ୍) ଏହି ଅବସରରେ ନବନୀତ କୁମାର, ହେଡ୍ ଅଫ ଏଚଆର, ତନଭି ସଙ୍ଗମର ସଦସ୍ୟ ଏବଂ ୟୁନିଅନ୍ସ ଆଣ୍ଡ ଆସୋସିଏସନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଂଶଗ୍ରହଣ କରିଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ, ପଡ଼ୋଶୀ ଗ୍ରାମରୁ ଅଂଶଗ୍ରହଣକାରୀ ଛାତ୍ରୀଙ୍କ ଅଭିଭାବକ ଏବଂ ଅଭିଭାବକମାନେ ବହୁ ସଂଖ୍ୟାରେ ଆସି ବାଳିକାଙ୍କ ଦ୍ୱାରା ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନାକୁ ଦେଖିଥିଲେ। ସେମାନଙ୍କ ତରଫରୁ ବାଳିକାମାନେ ପାଠ, ଗୀତ ଏବଂ ନୃତ୍ୟର ଏକ ଚମତ୍କାର ପ୍ରଦର୍ଶନ କରିଥିଲେ, ଯାହା ଦର୍ଶକଙ୍କ ପ୍ରଶଂସା ଏବଂ କରତାଳି ଲାଭ କରିଥିଲା। ଏହି ଅବସରରେ ଶ୍ରୀ ସେହଗଲ କହିଛନ୍ତି ଯେ, ଛୋଟ ବାଳିକାମାନଙ୍କୁ ଆତ୍ମବିଶ୍ୱାସ ବଢାଇବାରେ ସାହାଯ୍ୟ କରିବା ଏବଂ ଜୀବନରେ ସେମାନଙ୍କର ସ୍ୱପ୍ନ ଏବଂ ଅଭିଳାଷକୁ ସାକାର କରିବାରେ ସକ୍ଷମ ହେବା ପାଇଁ ଜିଇଏମ୍ ହେଉଛି ଏନଟିପିସିର ଏକ ପ୍ରୟାସ। ପରିବେଶ ଦିବସ ପାଳନ ସମୟରେ ଜିଇଏମ ବାଳିକାମାନଙ୍କୁ ଚାରାରୋପଣରେ ଭାଗ ନେବାକୁ ନିମନ୍ତ୍ରଣ କରାଯାଇଥିଲା। ଯାହା ଦ୍ୱାରା ସେମାନେ ପରିବେଶ ସଂରକ୍ଷଣର ଆବଶ୍ୟକତା ବିଷୟରେ ସଚେତନ ହୋଇପାରିବେ। ସେ ଆଶା କରିଥିଲେ ଯେ, ପିଲାମାନେ ଘରକୁ ଫେରି ଏନଟିପିସିରୁ ପ୍ରାପ୍ତ ଚାରାରୋପଣ କରିବେ ଏବଂ ଏହାକୁ ପୋଷଣ କରିବେ। ଏୟାର ପିସ୍ତଲ ଗୁଳିରେ ଉଲ୍ଲେଖନୀୟ ସଫଳତା ପାଇଁ ଶ୍ରୀ ସେହଗାଲ ଡିପିଏସର ଛାତ୍ର ମିସ୍ ଦିବ୍ୟାଶା ପ୍ରିୟଦର୍ଶିନୀ ଚୋଙ୍କଦାରଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଉତ୍ସାହର ଟୋକନ୍ ଭାବରେ ତାଙ୍କୁ ଏନଟିପିସି କଣିହାଁ ଦ୍ୱାରା ଏକ ଏୟାର ପିସ୍ତଲ ଏବଂ କ୍ରୀଡ଼ା ଜୋତା ମଧ୍ୟ ପ୍ରଦାନ କରାଯାଇଥିଲା। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମିସ୍ ପ୍ରିୟଦର୍ଶିନୀଙ୍କୁ ତାଙ୍କର ସଫଳତାର କାହାଣୀ ବାଣ୍ଟିବା ଏବଂ ଛାତ୍ରୀମାନଙ୍କୁ ପ୍ରେରଣା ଦେବା ପାଇଁ ଜିଏମ୍ କର୍ମଶାଳାରେ ନିମନ୍ତ୍ରଣ କରାଯାଇଛି।

# ବନ୍ଧୁକ ଦେଖାଇ ୩୭ ହଜାର ଟଙ୍କା ଲୁଟ୍

**ଛେଣ୍ଡିପଦା,୧୧।୬(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଦେଇ ଯାଇଥିବା ଅନୁଗୋଳ- ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର କୋଶଳା ଅରୁଣଙ୍କ ପ୍ରତିମୂର୍ତ୍ତି ନିକଟରୁ ବନ୍ଧୁକ ଦେଖାଇ ୩୭ ହଜାର ଟଙ୍କା ଲୁଟିନେଇଛନ୍ତି ଦୁର୍ବୃତ୍ତ । ସୂଚନାଯୋଗ୍ୟ ଯେ, ରାଇଝରଣ ଗ୍ରାମରେ ଥିବା ଏସବିଆଇ ଜନସେବା କେନ୍ଦ୍ରର ରିଙ୍କୁ ସାହୁ ଏକ ସ୍କୁଟିରେ କୋଶଳାରେ ଥିବା ଏସବିଆଇକୁ ଡିପୋଜିଟ୍ କରିବା ପାଇଁ ଆସୁଥିଲେ । ସେଠାରୁ ସେ ଘରକୁ ଫେରୁଥିବା ବେଳେ ପୋଲସର ମୋଟର ସାଇକେଲରେ ୨ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ରିଙ୍କୁଙ୍କୁ ଭୟଭୀତ କରି ତାଙ୍କ ପାଖରେ ଥିବା ୩୭ ହଜାର ଟଙ୍କା ଲୁଟି ନେଇଥିଲେ । ଏନେଇ ରିଙ୍କୁ ଛେଣ୍ଡିପଦା ଥାନାରେ ଜଣାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଚଳାଇଛି । ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ରିଙ୍କୁଙ୍କ ବୟାନକୁ ଆଧାର କରି କୋଶଳା ବଜାରରେ ଲାଗିଥିବା ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ଚନ୍ଦ୍ରବାହାଳରେ ରଜ ମହୋତ୍ସବ ପ୍ରସ୍ତୁତି

**ଅନୁଗୋଳ, ୧୧।୬(ସମିସ):** ଅନୁଗୋଳ ବ୍ଲକ ଚନ୍ଦ୍ରବାହାଳ ଗାଁରେ ଚଳିତ ବର୍ଷ ରଜ ମହୋତ୍ସବ ଆଡ଼ମ୍ବରରେ ପାଳିତ ହେବାକୁ ଯାଉଛି। ୧୪ ଓ ୧୫ ତାରିଖ ଦୁଇଦିନ ଧରି ପାଳିତ ହେବାକୁଥିବା ଏହି ଉତ୍ସବରେ ଓଲିଉଡ୍ କଳାକାରମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ରଜ ମହୋତ୍ସବ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ସୂଚନା ମୁତାବକ, ଚନ୍ଦ୍ରବାହାଳ ଗାଁରେ ଚଳିତ ବର୍ଷ ନବମ ରଜ ମହୋତ୍ସବ ପାଳିତ ହେବ। ଚନ୍ଦ୍ରବାହାଳ ଗ୍ରାମ୍ୟକ୍ରୀଡ଼ା ସଂସଦ, ରଜ ମହୋତ୍ସବ କମିଟିର ମିଳିତ ଆନୁକୂଲ୍ୟରେ ଅଞ୍ଚଳର ପୁରୁଷ ଓ ମହିଳାଙ୍କ ପାଇଁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଛି। ଦୁଇଦିନ ଧରି ପାଳିତ ହେଉଥିବା ଏହି ରଜ ମହୋତ୍ସବରେ ଓଲିଉଡ୍ କମେଡିଆନ୍ ପପୁ ପମ୍ ପମ୍, କଣ୍ଠଶିଳ୍ପୀ ସୌଜନ୍ୟା ରଥ, ଏସ୍. ଜିତୁ, ପୁନମ୍ ମହାନ୍ତିଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେବେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମହୋତ୍ସବ ରୂପରେଖ ଓ ଆଭିମୁଖ୍ୟ ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା। ଏଥିରେ ରଜ ମହୋତ୍ସବର ସଭାପତି ରାଜେଶ ରାଉତ, ସମ୍ପାଦକ ନିର୍ମଳ ବେହେରା, କୋଷାଧ୍ୟକ୍ଷ ଅଖିଳ ବେହେରା, ଉପଦେଷ୍ଟା ଅଶୋକ ଦାସ, ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ନାଲ୍‌କୋ(ଏସ୍ ଆଣ୍ଡ ପି) 'ପଞ୍ଚ ତାରକା ବର୍ଗ'ରେ କଳିଙ୍ଗ ଏକ୍ସଲେନ୍ସ ଆୱାର୍ଡ




**ଅନୁଗୋଳ, ୧୧।୬(ସମିସ):** ଶକ୍ତି ସଂରକ୍ଷଣ ଏବଂ ସ୍ଥାୟୀ ପରିବେଶ ଅଭ୍ୟାସରେ ସର୍ବୋତ୍ତମ ଅଭ୍ୟାସ ପାଇଁ ଏସ ଆଣ୍ଡ ପି କମ୍ପ୍ଲେକ୍ସ ନାଲକୋକୁ କଳିଙ୍ଗ ପରିବେଶ ଉତ୍କର୍ଷ ଏବଂ କଳିଙ୍ଗ ଏନର୍ଜି ପ୍ରଦାନ କରାଯାଇଛି। ପ୍ରଦର୍ଶନ ବର୍ଷ ପାଇଁ ପଞ୍ଚ ତାରକା ବର୍ଗରେ ଉତ୍କର୍ଷ ପୁରସ୍କାର - ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଦ୍ୱାରା ୨୦୨୩ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଏଣ୍ଟର ପ୍ରାଇଜେସ୍ ସହିତ ମିଳିତ ଭାବରେ ପରିବେଶ ପରିଚାଳନା ସେବା ହାଇଦ୍ରାବାଦ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ପରିବେଶ ଉପରେ ୯ମ ଜାତୀୟ କନକ୍ଲେଭରେ, ଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନ -୨୦୨୪, ଭୁବନେଶ୍ୱରରେ ୮ ଜୁନ୍, ୨୦୨୪ ରେ ଅନୁଷ୍ଠିତ ହୋଇଥିଲା। ସ୍ମେଲଟର ପ୍ଲାଣ୍ଟ ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ, ନାଲକୋ ସମ୍ମାନଜନକ କଳିଙ୍ଗ ପରିବେଶ ଗ୍ରହଣ କରିଛି। ଉତ୍କର୍ଷ ପୁରସ୍କାର ୨୦୨୩ ଏବଂ କଳିଙ୍ଗ ଶକ୍ତି ଶକ୍ତି ଉତ୍କର୍ଷ ପୁରସ୍କାର ୨୦୨୩ - ଉଭୟ ପଞ୍ଚ ତାରକା ବର୍ଗରେ। ଶକ୍ତି ସଂରକ୍ଷଣ ଏବଂ ସ୍ଥାୟୀ ପରିବେଶ ପରିଚାଳନା ପାଇଁ ଉଭୟ ପ୍ଲାଣ୍ଟର ଅସୀମ ପ୍ରୟାସ ପାଇଁ ଆଜି ପୁରସ୍କୃତ ହୋଇଛି। ଶ୍ରୀନିବାସ ସୁବ୍ରମଣ୍ୟମ୍ ନେରାଲା, ଜିଜିଏମ୍ (ସ୍ମେଲଟର) ପୁରସ୍କାର ଗ୍ରହଣ କରିଥିଲେ। ସ୍ମେଲଟରଙ୍କ ତରଫରୁ ଶକ୍ତି ପରିଚାଳକ ଏ ସିହ୍ନା-ଜିଏମ୍ ଏବଂ ବିଜୁ କେ-ଜିଏମ୍ (ଇ ଆଣ୍ଡ ଆଇ) ଉପସ୍ଥିତ ଥିବାବେଳେ ସିପିପି ଦଳ ପକ୍ଷରୁ ଅମରେନ୍ଦ୍ର କୁମାର ମିଶ୍ର, ଜିଜିଏମ୍ (ସିପିପି) ପୁରସ୍କାର ଗ୍ରହଣ କରିଥିଲେ। କ୍ରମାଗତ ଭାବରେ ଉତ୍କର୍ଷ ପୁରସ୍କାର ଏବଂ ପ୍ରଥମ ଥର ପାଇଁ କଳିଙ୍ଗ ଶକ୍ତି ଉତ୍କର୍ଷ ପୁରସ୍କାର ଦ୍ୱାରା ଉଭୟ ସ୍ମେଲଟର ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟର ପ୍ରୟାସ ଉଲ୍ଲେଖନୀୟ।



ଅନୁଗୋଳ: ତାତିରୁ ତ୍ରାହି ପାଇଁ ପିଲାଙ୍କ ଜଳକ୍ରୀଡ଼ା (ଫଟୋ- ଟିକୁ)

ପାଖେଇ ଆସୁଛି ରଜପର୍ବ

# ଖଣି ଖାଦାନ ଯୋଗୁଁ ବିଲୁପ୍ତ ହେଲାଣି ଜଙ୍ଗଲ; ଦୋଳି ପାଇଁ ନାହିଁ ଗଛ



**ତାଳଚେର ସଦର, ୧୧।୬(ସମିସ):** ଜୁନ୍ ୧୪ରୁ ଓଡ଼ିଶାର ଗଣପର୍ବ ରଜ ଆରମ୍ଭ ହୋଇଥାଏ। ଏଥିପାଇଁ ଗାଁ ଠୁ ସହର ଚଳଚଞ୍ଚଳ। ଏଥିପାଇଁ ଛୋଟ ଝିଅ ପିଲାଙ୍କଠାରୁ ଆରମ୍ଭ କରି ମହିଳା ପର୍ଯ୍ୟନ୍ତ ସମସ୍ତଙ୍କ ଭିତରେ ଉତ୍ସାହ ଆରମ୍ଭ ହୋଇଗଲାଣି। ସପିଙ୍ଗ କରିବା ସହ ୩ ଦିନର ଏହି ପର୍ବରେ କିଏ କେଉଁଠି କି ଯିବେ, କେମିତି ରଜ ପାଳିବେ, ସେ ସବୁର ବି ପ୍ରସ୍ତୁତି ସରିବା ଉପରେ। କିନ୍ତୁ ରଜ ପର୍ବରେ ସବୁଠାରୁ ମୁଖ୍ୟ ଆକର୍ଷଣ ଥାଏ ରଜ ଦୋଳି। ବିଶେଷ କରି କୁଆଁରୀ ଝିଅମାନେ ନୂଆ ପୋଷାକ ପିନ୍ଧି, ପାଦରେ ଅଳତା ଲଗାଇ ପାନଖିଲ ପାଟିରେ ମାରି ଦୋଳିରେ ବସି ଗୀତ ନଗାଇବା ଯାଏ ଫିକା ଫିକା ଲାଗେ। ବର୍ତ୍ତମାନ ଯୁଗରେ ରଜ ହେଲେ ଦୋଳି ଲାଗିବ କେଉଁଠି ତାକୁ ନେଇ ସମସ୍ତଙ୍କ ମନରେ ଘାରିଛି ଚିନ୍ତା। ପୂର୍ବରୁ ଘରର ଡାଇନିଂ ହଲ୍ ଏବଂ ବାଲକୋନିରେ ଗୋଟିଏ କିମ୍ବା ୨ଟି ଲେଖାଏଁ ରିଙ୍ଗ ହୁକ୍ ଲଗାଯାଏ। ହେଲେ ଘର ଭିତରେ ମଧ୍ୟ ଦୋଳି ଲାଗିଲା ଭଳି କୌଣସି ବ୍ୟବସ୍ଥା ନାହିଁ। ଫଳରେ ରଜରେ ଦୋଳି କେଉଁଠି ଖେଳିବେ, ତାହା ଏକ ସମସ୍ୟା ରୂପେ ଉଭା ହୋଇଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ନିର୍ଦ୍ଦିଷ୍ଟ ସ୍ୱେଚ୍ଛାସେବୀ ଓ ସରକାରୀ ଅନୁଷ୍ଠାନ ପକ୍ଷରୁ ରଜଦୋଳିର ବ୍ୟବସ୍ଥା କରାଯାଏ। ଲାଗୁଥିବା ଏହି ଦୋଳି ସମୁଦ୍ରକୁ ଶଙ୍ଖେ। ଏତେ ଲୋକରେ ହାତଗଣତି କେତେଟା ଦୋଳି ଲାଗିବା ଯୋଗୁ ସମସ୍ତେ ମନଭରି ଦୋଳି ଖେଳିପାରନ୍ତି ନାହିଁ। ଅନେକ ବହୁ ସମୟ ଧରି ଅପେକ୍ଷା କରିବା ପରେ ଘରକୁ ଫେରିଆସନ୍ତି। ରଜପର୍ବରେ ଦୋଳି ଖେଳକୁ ନେଇ ଏମିତି ଅନେକ ସମସ୍ୟା ଦେଖାଯାଇଥାଏ। ଆଗରୁ ଗାଁ ଗହଳିରେ ବହୁ ଜାଗାରେ ବାଉଁଶ ଦୋଳି ସହ ଦଉଡ଼ି ଦୋଳି ଲାଗୁଥିଲା। ଏବେ ଏହି ଦୋଳି ଆଉ ଲାଗୁନାହିଁ। ଖଣି ଖାଦାନ ଯୋଗୁଁ ବିଲୁପ୍ତ ହେଲାଣି ଜଙ୍ଗଲ ଓ ଗାଁ ଗଣ୍ଡା, ଆଉ ବଡ଼ ବଡ଼ ଗଛ ନାହିଁ କି ସେମିତି ଭଲ ସୁବିଧା ବି ନାହିଁ। ଯାହାଫଳରେ ଲୋକେ ସହରାଞ୍ଚଳରେ ରହି ଦୋଳି ଲଗାଇବା ପାଇଁ ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି କି ଆଉ ସେ ରଜର ଗୀତ ଶୁଭୁନାହିଁ। ଏପଟେ ତାଳଚେର ସହରରେ ବହୁ ସ୍ଥାନରେ ପ୍ଲାଷ୍ଟିକ୍ ଦୋଳି ବିକ୍ରି କରାଯାଉଛି। କିନ୍ତୁ ଦୋଳି କିଣି ଆଣିବା ପରେ କେଉଁଠି ଲଗାଇବେ ତାକୁ ନେଇ ମଧ୍ୟ ସମସ୍ତେ ଚିନ୍ତା କରୁଛନ୍ତି। ବାଧ୍ୟ ହୋଇ ଲୁହା ଆଙ୍ଗେଲ୍ ଦୋଳି ଲଗାଇ କାମ ଚଳାଇବେ ବୋଲି ଅନେକ ଚିନ୍ତା କରୁଛନ୍ତି।

ବନ ବିଭାଗର ବେଆଇନ କାର୍ଯ୍ୟକୁ ବିରୋଧ

# ରାମଚଣ୍ଡୀ କୃଷକସଭା ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା, ୧୧।୬(ସମିସ): ବନ ବିଭାଗର ବେଆଇନ କାର୍ଯ୍ୟ ବିରୋଧରେ ରାମଚଣ୍ଡୀ କୃଷକସଭା ପକ୍ଷରୁ ଆଜି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ସେହି ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ ମହାକାଳପଡ଼ା ତହସିଲ ଅଧିନ ଯୋଗିଧାନକୁଦର କନ୍ଧ ଚାଷୀମାନଙ୍କୁ ରାଜନଗର ଡି.ଏଫ.ଓ.ଙ୍କ ନିର୍ଦ୍ଦେଶରେ ତାଙ୍କ କର୍ମଚାରୀମାନେ ବିଭିନ୍ନ ସମୟରେ କନ୍ଧଚାଷୀଙ୍କ ଅକ୍ତିଆରରେ ଥିବା ଜମି ଉପରକୁ ନଯିବା ପାଇଁ ଧମକଚମକ ଦେଉଛନ୍ତି। କନ୍ଧଚାଷୀମାନେ ସି.ଏସ. ନମ୍ବର- ୫୨୯/୨୦୧୮ରେ କେନ୍ଦ୍ରାପଡ଼ା କନିଷ୍ଠ ଡିଭିଜନର ସିଭିଲଜଜ୍‌ଙ୍କ କୋର୍ଟରେ ସେମାନଙ୍କ ଦଖଲରେ ଥିବା ଚାଷଜମିରେ ଡି.ଏଫ. ଓ. ରାଜନଗର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ପ୍ରବେଶ ଉପରେ ପରମାନେନ୍ଟ୍ ଇଞ୍ଜେକସନ୍ ଜାରି କରାଯିବା ପାଇଁ




ଏକ ମାମଲା ଦାୟର କରିଥିଲେ। ଗତ ୧୩.୦୩. ୨୦୧୯ରିଖରେ କେନ୍ଦ୍ରାପଡ଼ା କନିଷ୍ଠ ଡିଭିଜନର ସିଭିଲଜଜ୍ କୋର୍ଟ ବିବାଦୀୟ ଜମି ଉପରେ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। କିନ୍ତୁ ଗତ ୨୧.୫.୨୦୧୯ରିଖରେ ରାଜନଗର ଡିଏଫଓଙ୍କର ୬୦ଜଣ କର୍ମଚାରୀ ପୁଲିସ ଫୋର୍ସ ସହିତ ସେହି ବିବାଦୀୟ ଜମିରେ ପ୍ରବେଶ କରି କନ୍ଧଚାଷୀଙ୍କ ପଶ୍ଚିମତରଫରେ ଥିବା ଏକଶହ ଫୁଟ୍ ଚଉଡାର ଘେରିବନ୍ଧଙ୍କୁ ଜୋରଜବରଦସ୍ତି ଭାଙ୍ଗିଦେବା ସହ ସେଠାରେ ଥିବା ଏକ ଚାଳଘରକୁ ନଷ୍ଟ କରିଦେଇଥିଲେ। ଏଥିସହିତ ସେହି ଜମି ଉପରେ ୧୫ଶହ ଚାରାଗଛ ରୋପଣ କରିଥିଲେ। କନ୍ଧଚାଷୀମାନେ ଏଭଳି ଘଟଣାର ପ୍ରତିବାଦ କରନ୍ତେ ସେମାନେ ତାଙ୍କୁ ଗିରଫ କରି ଜେଲ ପଠାଇଦେବବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ କନ୍ଧଚାଷୀମାନେ କୋର୍ଟରେ ପ୍ରମାଣ ଦର୍ଶାଇବା ପରେ କୋର୍ଟ ବନବିଭାଗର ସେହି ଜମିରେ ପ୍ରବେଶ ଉପରେ କଟକଣା ଲଗାଇଥିଲେ। ଏହା ବିରୋଧରେ ବନ ବିଭାଗ ଜିଲ୍ଲାଜଜଙ୍କ କୋର୍ଟରେ ଅପିଲ କରିବା ପରେ ସେହି ମାମଲାର ବିଚାର କରି ଅପ୍ରେଲମାସ ୮ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାଜଜ୍ ଉକ୍ତ ବିବାଦୀୟ ଜମି ଉପରେ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେବା ସହ ଜମ୍ବୁ ମେରାଇନ ଥାନା ପୁଲିସକୁ ଆବଶ୍ୟକ ସୁରକ୍ଷା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏସବୁ ସତ୍ତ୍ୱେ ବନ ବିଭାଗ ଜୋରଜବରଦସ୍ତ ସେହି ବିବାଦୀୟ ଜମିରେ ପ୍ରବେଶ କରି କନ୍ଧଚାଷୀଙ୍କ ଘର ଭାଙ୍ଗିଥିବା ରାମଚଣ୍ଡୀ କୃଷକସଭାର ସଭାପତି ପ୍ରଶାନ୍ତ କୁମାର ଚୌଧୁରୀ, ଉପସଭାପତି ଧିରେନ୍ଦ୍ର କୁମାର ସାମଲ, ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, ସଂଗଠନ ସମ୍ପାଦକ ହରେକୃଷ୍ଣ ମାଝୀ, ଯୋଗୀଧାନକୁଦର ହାଡିବନ୍ଧୁ ସେଠୀ, ଉପଦେଷ୍ଟା ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ବସନ୍ତ ଖଟାଇ, ଭରତ ଚନ୍ଦ୍ର ସେଠୀ, ଶ୍ୟାମସୁନ୍ଦର ସାମଲ, ଧଡି ପରିଡ଼ା ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ଅଭିଯୋଗକାରୀମାନେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ସମସ୍ତ ଘଟଣା ଅବଗତ କରାଇବା ପରେ ଶ୍ରୀ ଧଳ ଜମ୍ବୁ ସାମୁଦ୍ରିକ ଥାନାକୁ ଆଇନ ଅନୁଯାଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

## ନିଟ୍ ପରୀକ୍ଷାରେ ସତ୍ୟରଞ୍ଜନଙ୍କ ସଫଳତା



ରାଜନଗର, ୧୧।୬(ସମିସ): ଚଳିତ ବର୍ଷ ଏନଟିଏ ଦ୍ୱାରା ଆୟୋଜିତ ନିଟ୍ ପରୀକ୍ଷା -୨୦୨୪ ରେ ସତ୍ୟରଞ୍ଜନ ପାତ୍ର ସଫଳତା ହାସଲ କରିଛନ୍ତି। ସେ ୭୨୦ ମାର୍କରୁ ୬୭୭ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ଏହି ସଫଳତା ପାଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ବେଲପାଳ ଗ୍ରାମର ଗଣେଶ୍ୱର ପାତ୍ରଙ୍କ ପୁଅ ସତ୍ୟରଞ୍ଜନ ଏହି ସଫଳତା ପାଇବା ପାଇଁ ଦିନକୁ ୧୨ ଘଣ୍ଟା ପରିଶ୍ରମ କରୁଥିଲେ। ତାଙ୍କର ଏହି ସଫଳତା ପାଇଁ ସେ ନିଜର ପିତାମାତା, ଗୁରୁଜୀ ଓ ଗୁରୁମାଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କର ଏହି ସଫଳତାର ଖବର ପାଇ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସମ୍ପାଦକ ବୈବ୍ରତ ନାରାୟଣ ବିଶ୍ୱାଳ, ଅମର କୁମାର ନାୟକ, ପ୍ରଭାତ କୁମାର ପ୍ରଧାନ, ଶୁଭେନ୍ଦୁ ଓଝା, ବିଶ୍ୱଭୂଷଣ ସ୍ୱାଇଁ, ଶାନ୍ତନୁ ସ୍ୱାଇଁ ପ୍ରମୁଖ ସତ୍ୟରଞ୍ଜନଙ୍କ ବାସଭବନରେ ପହଞ୍ଚି ତାଙ୍କର ଏହି ସଫଳତା ପାଇଁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

# ବିଭିନ୍ନ ସ୍ଥାନରେ ଶୀତଳଷଷ୍ଠୀ ଓ ଦେବଦମ୍ପତିଙ୍କ ବିବାହ

ରାଜନଗର, ୧୧।୬(ସମିସ): ରାଜନଗର ବ୍ଲକ ଗୋସିଗାଁସ୍ଥିତ ଗର୍ତ୍ତେଶ୍ୱର ମହାଦେବଙ୍କ ପୀଠରେ ପବିତ୍ର ଶୀତଳଷଷ୍ଠୀ ଉତ୍ସବ ଗତକାଲି ବିଳମ୍ବିତ ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଚାଲିଥିବା ଏହି ପବିତ୍ର ଉତ୍ସବରେ ଗର୍ତ୍ତେଶ୍ୱର ମହାଦେବଙ୍କର ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ପୁଷ୍ପକ ବିମାନରେ ଶ୍ରଦ୍ଧାଳୁ ଓ ଭକ୍ତମାନେ ଶଙ୍ଖଧ୍ୱନି, ହରିନାମ ସଂକୀର୍ତ୍ତନ ମଧ୍ୟରେ ପାଛୋଟି ନେଇଥିଲେ। ଏହି ବ୍ଲକ ନୁରୁଗାଁର ବରପିତା ସମୀର କୁମାର ସାହୁଙ୍କ ଘରେ ସକାଳେ ମହାଦେବଙ୍କ ଚଳନ୍ତି ପ୍ରତିମା ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଗୋସିଗାଁର କନ୍ୟାପିତା ଶ୍ୟାମ ସୁନ୍ଦର ରାଉତଙ୍କ ଘରକୁ ମା’ ଆଦିଶକ୍ତିଙ୍କର ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନରେ ଶୈବପୀଠରୁ ନିଆଯାଇ ସ୍ଥାପନ କରାଯାଇଥିଲା। ଶୈବ ପରମ୍ପରା ଅନୁଯାୟୀ କନ୍ୟାପିତାଙ୍କ ଘରୁ ବର ନିମନ୍ତ୍ରଣ ଯିବାପରେ ବରପିତା ସମୀର କୁମାର ସାହୁଙ୍କ ଘରୁ ପୂର୍ବରୁ ସ୍ଥାପିତ



ହୋଇଥିବା ଗର୍ତ୍ତେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମାକୁ ପାଲିଙ୍କିରେ କନ୍ୟା ପିତା ଶ୍ୟାମ ସୁନ୍ଦର ରାଉତଙ୍କ ଘରକୁ ବାଣ ରୋଷଣୀରେ ନିଆଯାଇଥିଲା। ସେଠାରୁ ଜଗତଜନନୀ ମା’ଆଦିଶକ୍ତିଙ୍କୁ ଧରି ମନ୍ଦିରରେ ପହଞ୍ଚି ଥିଲେ। ବରବେଶରେ ମହାଦେବଙ୍କ ସୁସଜ୍ଜିତ ପାଲିଙ୍କିକୁ ଶ୍ରଦ୍ଧାଳୁଙ୍କ ସହିତ ବିଧାୟକ ଧ୍ରୁବ ସାହୁ କାନ୍ଧେଇ ନେବା ସହ ଏହି ଦେବ ବିବାହ କାର୍ଯ୍ୟରେ ସାମିଲ ହୋଇଥିଲେ। ବିଳମ୍ବିତ ରାତ୍ରିରେ ବର ଓ ବଧୂ ବେଶରେ ଦେବ ଦମ୍ପତି ମନ୍ଦିର ବେଢ଼ାରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଥିବା ପଣ୍ଡିତ ଶଙ୍କର୍ଷଣ ମିଶ୍ର, ପୂଜକ ଅକ୍ଷୟ ମିଶ୍ର, ଅଭୟ କୁମାର ମିଶ୍ର, ହର କୁମାର ମିଶ୍ର, ବୀର କିଶୋର ଦାଶ, ପ୍ରମୋଦ କୁମାର ପାଣି, ନିତ୍ୟାନନ୍ଦ ମିଶ୍ର ପ୍ରମୁଖ ଦେବ ଦମ୍ପତିଙ୍କ ବିବାହ କରିଥିଲେ। କାର୍ଯ୍ୟକ୍ରମକୁ ଶୀତଳଷଷ୍ଠୀ ପୂଜାକମିଟି ଓ ଗୋସିଗାଁ ଗ୍ରାମବାସୀ ପରିଚାଳନା କରିଥିଲେ। ଆଜି ଦେବଦମ୍ପତିଙ୍କୁ ସୁସଜ୍ଜିତ ଯାନରେ ନଗର ପରିକ୍ରମା କରାଯାଇଛି।

**କେନ୍ଦ୍ରାପଡ଼ା**: ପବିତ୍ର ଶୀତଳ ଷଷ୍ଠୀ ଉତ୍ସବ ଗୋପସ୍ଥିତ ଅମରେଶ୍ୱର ପୀଠରେ ସୋମବାର ମହା ସମାରୋହରେ ଅନୁଷ୍ଠିତ ହୋଇଛି। ସୋମବାର ରୁଦ୍ରାଭିଷେକ ଓ ହୋମଯଜ୍ଞ ପରେ ହର-ପାର୍ବତୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଶ୍ରୀ ଅମରେଶ୍ୱରଙ୍କ ସହିତ ମା’ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ବରଯାତ୍ରୀ ଓ ଶ୍ରଦ୍ଧାଳୁମାନଙ୍କୁ ଭୋଜିଭାତ ସ୍ୱରୂପ ପ୍ରସାଦ ବଣ୍ଟନ କରାଯାଇଥିଲା।

ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ରୁଦ୍ରଯଜ୍ଞ, ପୂଜାକାର୍ଯ୍ୟ ଓ ବିବାହ ଉତ୍ସବରେ ପଣ୍ଡିତ ଭ୍ରମରବର ନନ୍ଦ, ନରହରି ପତି, ଉମାକାନ୍ତ ପତି, ହରିହର ଶତପଥୀ, କେଦାର କର,



ପ୍ରସନ୍ନ ପଣ୍ଡା, କୃଷ୍ଣ ଚନ୍ଦ୍ର ମିଶ୍ର ଓ ରବି ନାରାୟଣ ପତିଙ୍କ ସମେତ ମନ୍ଦିରର ମୁଖ୍ୟ ପୂଜକ ସୁଧାଂଶୁ ଶେଖର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଯଜ୍ଞ, ପୂଜାପାଠ ଓ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ଯଜ୍ଞକର୍ତ୍ତା ଭାବେ ଭାଗିରଥୀ ସାହୁ ଓ ସ୍ମୃତିରେଖା ସାହୁ ଦାୟୀତ୍ୱ ନିର୍ବାହ କରିଥିବା ବେଳେ ବିବାହ କାର୍ଯ୍ୟରେ ବରପିତା ଭାବେ ପ୍ରକାଶ ଚନ୍ଦ୍ର ପରିଡ଼ା ଓ କନ୍ୟାପିତା ଭାବେ ଜୟାଂଶୁ ଶେଖର ପଣ୍ଡା କାର୍ଯ୍ୟନିର୍ବାହ କରିଥିଲେ। ଆଜି ମଙ୍ଗଳବାର ବରକନ୍ୟାଙ୍କ ଚଳନ୍ତି ପ୍ରତିମା ସହର ପରିକ୍ରମା କରିବା ସହ ରୁଦ୍ର ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଛି।

**ଡେରାବିଶ:** ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିକେଶ୍ୱରପୁରସ୍ଥିତ ମଲ୍ଲିକେଶ୍ୱର ମହାଦେବଙ୍କ ମନ୍ଦିରରେ ଶୀତଳଷଷ୍ଠୀ ଓ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବରପିତା ମାତା ଭାବରେ ପ୍ରଭାତ ଦାଶ ଓ ସୁଚିସ୍ମିତା ଦାଶ ଏବଂ କନ୍ୟା ପିତାମାତା ଭାବେ ସୁଜିତ ପଣ୍ଡା ଓ ସନ୍ଧ୍ୟାରାଣୀ ରଥ କାର୍ଯ୍ୟ ନିର୍ବାହ କରିଥିଲେ। ଏହି ଉପଲକ୍ଷେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିବାହ ଉତ୍ସବରେ ଯୋଗଦେବା ପାଇଁ ମଲ୍ଲିକେଶ୍ୱର



ମହାଦେବଙ୍କ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଦେବାଦେବୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ସମ୍ବଲପୁରର ଶୀତଳଷଷ୍ଠୀ ଉତ୍ସବ ଅନୁରୂପ ଭାବରେ ଏଠାରେ ଅନୁଷ୍ଠିତ ହୋଇ ଆସୁଛି। ଏହି ଅବସରରେ ହୋମଯଜ୍ଞ ଅନୁଷ୍ଠିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥିତ ବାଲୁଙ୍କେଶ୍ୱରଙ୍କ ପୀଠରେ ଶୀତଳଷଷ୍ଠୀ ଓ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିବା ମନ୍ଦିର ପୂଜକ ଚନ୍ଦ୍ର ଶେଖର ମିଶ୍ର ପ୍ରକାଶ କରିଛନ୍ତି।

**ଡେରାବିଶ:** ଶୀତଳ ଷଷ୍ଠୀ ଅବସରରେ ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁରସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଆର୍ତ୍ତେଶ୍ୱରଙ୍କ ମନ୍ଦିର ବେଢ଼ାରେ ଆଜି ଦେବଦମ୍ପତିଙ୍କ ବିବାହ ଶେଷ ହୋଇଛି। ଏହି ଅବସରରେ ଆଜି ପୂର୍ବାହ୍ନରେ ବୀର ନୀଳକଣ୍ଠପୁରଠାରୁ ଏକ ସୁସଜ୍ଜିତ ବିମାନରେ ମହାଦେବ ପଟୁଆର ମଧ୍ୟରେ ବରଯାତ୍ରୀ ଧରି ଆର୍ତ୍ତେଶ୍ୱରଙ୍କର ପୀଠକୁ ଗମନ



କରିଥିଲେ। ବର ବେଶରେ ଆସିଥିବା ମହାଦେବ ପୀଠରେ ପହଞ୍ଚିବା ପରେ ବୈଦିକ ରୀତି ଅନୁସାରେ କନ୍ୟାଘର ପକ୍ଷରୁ ଶ୍ରୀ ଜିଉଙ୍କୁ ବରଣୀ କରାଯାଇଥିଲା। ପରେ ଆର୍ତ୍ତେଶ୍ୱରଙ୍କର ବେଢ଼ା ମଧ୍ୟରେ ନିର୍ମିତ ହୋଇଥିବା ସୁସଜ୍ଜିତ ବେଦିରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବର ପକ୍ଷରୁ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ କନ୍ୟା ପକ୍ଷରୁ ପଣ୍ଡିତ ରଘୁନାଥ ମିଶ୍ର ପୁରୋଧାଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଏହି ବିବାହ କାର୍ଯ୍ୟରେ ବର ପିତା ଭାବେ ଭାଗବତ ସାହୁ ଓ ମାତା ଜୟନ୍ତୀ ସାହୁ। କନ୍ୟା ପିତା ଭାବେ ଦିବାକର ସ୍ୱାଇଁ ଓ ମାତା ଭାବେ ସୁପ୍ରଭା ପରିଡ଼ା ଦାୟିତ୍ୱ ନିର୍ବାହ କରିଥିଲେ। ବିବାହ ସମ୍ପନ୍ନ ପରେ କନ୍ୟାଘର ପକ୍ଷରୁ ଆସିଥିବା ମହିଳାମାନେ ଉଭୟ ବର କନ୍ୟାଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ସହ ଅର୍ଥ ପ୍ରଦାନ କରି ବନ୍ଦାପନା କରିଥିଲେ। ଶେଷରେ ଉଭୟ କନ୍ୟା ଓ ବର ପକ୍ଷର ଉପସ୍ଥିତ ଥିବା ଶ୍ରଦ୍ଧାଳୁ ବର ଓ କନ୍ୟା ଯାତ୍ରୀ ଭୋଜି ଭାତରେ ଆପ୍ୟାୟିତ ହୋଇଥିଲେ। କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟିର ଉପଦେଷ୍ଟା ନାରାୟଣ ଲେଙ୍କା, ସଭାପତି ସନ୍ତୋଷ କୁମାର ରାଉତ, ସମ୍ପାଦକ ତାରାକିଙ୍କର ଚାଟାର୍ଜୀ, ପ୍ରଦୀପ ନାୟକ, ଇଶ୍ୱର ଚନ୍ଦ୍ର ପୃଷ୍ଟି, ହୃଶିକେଶ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ସାପକାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ପଞ୍ଚୁପାଣ୍ଡବ, ୧୧।୬ (ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରୀ ପାଟଣା ଗ୍ରାମରେ ସର୍ପାଘାତରେ ଜଣେ ମହିଳାଙ୍କର ଗତକାଲି ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ହେଲେ କଂସାରୀପାଟଣା ଗ୍ରାମର



ଗୋପିନାଥ ମହାପାତ୍ରଙ୍କ ସ୍ତ୍ରୀ କନକଲତା ମହାପାତ୍ର (୪୫)। କନକ ଗତକାଲି ଘର ନିକଟରେ ଏକ ବାଛୁରୀ ବାନ୍ଧୁଥିବା ବେଳେ ତାଙ୍କୁ ବିଷାକ୍ତ ସାପ କାମୁଡ଼ି ଦେଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ସଙ୍ଗେ ସଙ୍ଗେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲ୍‌କୁ ନେଇଯାଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆଜି କନକଲତାଙ୍କ ଶବ ବ୍ୟବଛେଦ ପରେ ଗ୍ରାମରେ ମୃତ ଶରୀର ପହଞ୍ଚିଥିଲା। ତାଙ୍କର ବଡ଼ପୁଅ ସବ୍ୟସାଚୀ ଯେ କି ଜଣେ ଅଗ୍ନିବୀର ଭାବେ କାର୍ଯ୍ୟରତ, ସେ ଆସନ୍ତା କାଲି ଗ୍ରାମରେ ପହଞ୍ଚିବା ପରେ ଶବଶତ୍କାର ହେବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ କନକଲତାଙ୍କ ଆଉଏକ ପୁଅ +୨ରେ ପଢୁଛନ୍ତି। ତେବେ କନକଲତାଙ୍କ ଅକାଳ ବିୟୋଗରେ ତାଙ୍କ ପରିବାର ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ରେଳଲାଇନ୍‌ରେ ମହିଳାଙ୍କ ଖଣ୍ଡିତ ମୃତଦେହ

କେନ୍ଦ୍ରାପଡ଼ା, ୧୧।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ହରିଦାସପୁର-ପାରାଦ୍ୱୀପ ରେଳପଥର ମହାକାଳପଡ଼ା ବ୍ଲକ ବେଲାରନୁଆଗାଁ ଗ୍ରାମ ନିକଟ ରେଳଲାଇନ ଉପରୁ ଜଣେ ମହିଳାଙ୍କ ମୁଣ୍ଡ ଗଣ୍ଡି ଅଲଗା ହୋଇ ପଡ଼ିଥିବା ମୃତଦେହ ଉଦ୍ଧାର କରାଯାଇଛି। ମୃତ ମହିଳା ଜଣକ ମହାକାଳପଡ଼ା ବ୍ଲକ ବଡ଼ ତେରଗାଁ ଗ୍ରାମର ଝୁନି ସେଠି ବୋଲି ସୁଚନା ମିଳିଛି। ଘଟଣାର ସଠିକ କାରଣ ଜଣାପଡ଼ି ନାହିଁ। ରେଳବାଇ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



ଡେରାବିଶ, ୧୧।୬(ସମିସ): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିକେଶ୍ୱରପୁରସ୍ଥିତ ମଲ୍ଲିକେଶ୍ୱର ହାଇସ୍କୁଲର ୨୦୦୩ ମସିହାର ମାଟ୍ରିକ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବାରିକ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ର ଅନିରୁଦ୍ଧ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଓ ସମ୍ମାନିତ ଅତିଥିମାନେ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ସମୟରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଘଟିଥିବା ବିଭିନ୍ନ ଘଟଣାର ସ୍ମୃତିଚାରଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ତରଫରୁ ଅବସରପ୍ରାପ୍ତ ଶିକ୍ଷକ ଓ ବର୍ତ୍ତମାନ ଶିକ୍ଷାଦାନ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସଭକ୍ତି ପୂଜାର୍ଚ୍ଚନା କରିବା ସହ ଆଶିର୍ବାଦ କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧୧।୬(ସମିସ): ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍ ପ୍ରସ୍ତୁତି ବୈଠକ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି ସତର୍କତାମୂଳକ ପଦକ୍ଷେପ ଗ୍ରହଣ ପୂର୍ବକ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ସୁପରିଚାଳନା ଉପରେ ବିସ୍ତୃତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବାତ୍ୟା, ବନ୍ୟା ସମୟରେ ଜିଲ୍ଲାଠାରୁ ଆରମ୍ଭ କରି ଗ୍ରାମପଞ୍ଚାୟତସ୍ତର ପର୍ଯ୍ୟନ୍ତ ଆସ୍କାଲାଇଟ୍, ଗଛକଟା ମେସିନ୍ ଆଦିକୁ ସ୍ୱେଚ୍ଛାକୃତଭାବେ କାର୍ଯ୍ୟକ୍ଷମ ରଖିବା ଓ ଆବଶ୍ୟକ ମରାମତି ପାଇଁ ବିଡିଓମାନଙ୍କ ସହାୟତା ନେବାକୁ ବାତ୍ୟା ଆଶ୍ରୟସ୍ଥଳୀ କମିଟି ସଦସ୍ୟ, ସଭାପତି, ସମ୍ପାଦକ ତଥା ସ୍ଥାନୀୟ ସରପଞ୍ଚମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ




ନୀଲୁ ମହାପାତ୍ର, ଉପ-ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ପଲ୍ଲବୀ ପାତ୍ର, ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ପୌର ପରିଷଦର ନିର୍ବାହୀ ଅଧିକାରୀ, ସହକାରୀ ଅଗ୍ନିଶମ ଅଧିକାରୀ, ନୋଡାଲ ଏନ୍‌ଜିଓ ଏବଂ ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ଓ ସମ୍ପାଦକ ପ୍ରମୁଖ ଯୋଗଦେଇ ସମ୍ଭାବ୍ୟ ବାତ୍ୟା, ବନ୍ୟା ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟର ଗଠନ କରାଯାଇଥିବା କମିଟି ସଦସ୍ୟମାନଙ୍କ ସହଯୋଗ ଓ ସହଭାଗିତା ଯୋଗୁଁ ଶୂନ୍ୟ ମୃତ୍ୟୁହାର ପାଇଁ ଆମେ ରାଜ୍ୟରେ ସୁନାମ ଅର୍ଜନ କରିଥିଲେ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିବା ସହ ମକ୍‌ଡ୍ରିଲ୍ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ୧୨୩ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର ଆବଶ୍ୟକତା ଅନୁସାରେ ଥିବା ଜେନେରେଟର୍, ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ଜୁନ୍ ୧୮ ତାରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଏବଂ ଜୁନ୍ ୧୯ ତାରିଖରେ ସମସ୍ତ ବ୍ଲକ ସଦର ମହକୁମା ଓ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍ ଡ୍ରିଲ୍ କରାଯିବ। ୧୯ ତାରିଖ ମକ୍‌ଡ୍ରିଲ୍‌ରେ ସ୍ଥାନୀୟ ସରପଞ୍ଚ, ଜନ ପ୍ରତିନିଧି, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଆଶା, ଅଙ୍ଗନୱାଡି କର୍ମୀ, ପ୍ରଶିକ୍ଷଣ ନେଇଥିବା ଆପଦମିତ୍ରମାନେ ଯେପରି ଭାଗ ନେବେ ସେଥିପାଇଁ ସମସ୍ତ ବିଡିଓମାନେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଅନୁରୋଧ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବଂ ବିପର୍ଯ୍ୟୟର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଜନ ପ୍ରତିନିଧିମାନେ ଜିଲ୍ଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ଉପଜିଲ୍ଲାପାଳ ଶ୍ରୀ ପ୍ରଧାନ ଉପସ୍ଥିତ ସଦସ୍ୟମାନଙ୍କୁ କେନ୍ଦ୍ରାପଡ଼ାର ପୂର୍ବ ସମ୍ମାନ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ।

ପ୍ରାରମ୍ଭରେ ପାୱାର ପଏଣ୍ଟ ମାଧ୍ୟମରେ ଜରୁରୀକାଳୀନ ବିଭାଗର ଡିପିଓ ମକ୍‌ଡ୍ରିଲ୍‌ର ଆବଶ୍ୟକତା ଓ ତାର କାର୍ଯ୍ୟକାରିତା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଉପସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀର ସଦସ୍ୟମାନେ ମକ୍‌ଡ୍ରିଲ୍‌ରେ ଭାଗ ନେବାକୁ ବୈଠକକୁ ଅବଗତ କରାଇଥିଲେ। ଶେଷରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଭାଗୀୟ କର୍ମଚାରୀମାନେ ପ୍ରସ୍ତୁତି ବୈଠକ ଆୟୋଜନରେ ସହାୟତା ପ୍ରଦାନ କରିଥିଲେ।



# ୧୪ରୁ ପାରାଦୀପ ବନ୍ଦର ରଜ ମହୋତ୍ସବ



ପାରାଦୀପ, ୧୧।୬(ସମିସ)

ଚଳିତ ବର୍ଷ ପାରାଦୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ରଜ ମହୋତ୍ସବ-୨୦୨୪ ଧୁମଧାମରେ ପାଳିତ ହେବା ନେଇ ନିଷ୍ପତ୍ତି ହୋଇଛି । ଏ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଆଉ ମାତ୍ର ଦୁଇଟି ଦିନ ପରେ ଗୋପବନ୍ଧୁ ଷ୍ଟାଡିୟମ ରଜ ମହୋତ୍ସବରେ କମ୍ପିବ । ଓଡିଆମାନଙ୍କ କଳା ଓ ସଂସ୍କୃତିକୁ ଜୀବିତ ରଖିବା ଉଦ୍ଦେଶ୍ୟରେ ବନ୍ଦର ପକ୍ଷରୁ ଏହି ରଜ ମହୋତ୍ସବ ବନ୍ଦର ଅନ୍ତେବାସୀ ପାଳନ କରି ଆସୁଛନ୍ତି । ଏହା

- ୪ ଦିନ ପାଇଁ ଗୋପବନ୍ଧୁ ଷ୍ଟାଡିୟମରେ ଆୟୋଜିତ ହେବ
- ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ

ମାଉସୀମା ଛକ ନିକଟରେ ଆୟୋଜିତ ହୋଇ ଆସୁଥିଲା । କିନ୍ତୁ ଅଧିକ ଜନ ଗହଳିକୁ ଆଖି ଆଗରେ ରଖି ଏହାକୁ ଗୋପବନ୍ଧୁ ଷ୍ଟାଡିୟମକୁ ସ୍ଥାନାନ୍ତରିତ କରାଯାଇଛି । କୋଭିଡ ସମୟରେ ତିନି ବର୍ଷ ପାଇଁ ଏହା ବନ୍ଦ ରହିଥିବା ବେଳେ ପୁନର୍ବାର ଏହାକୁ ବନ୍ଦର ପକ୍ଷରୁ ଆୟୋଜନ କରାଯାଇଛି । ୧୪ ତାରିଖ ଶୁକ୍ରବାର ଦିବ ଦିନ ୯ଟା ରେ ବନ୍ଦର ଅଧକ୍ଷ ଏହି ରଜ ମହୋତ୍ସବକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।ତା ପରେ ୯.୩୦ ରୁ ପାରାଦୀପ ସାକ୍ଷରତା ସମିତି, ପାରାଦୀପ ଲେଡିଜ କ୍ଲବ, ପୋର୍ଟ କ୍ଲବ, ଗୋପବନ୍ଧୁ କ୍ରୀଡା ସଂସଦ ଶ୍ରୀ ଶ୍ରୀ ଜଗନ୍ନାଥ ଲଳିତ କଳା ସଂସଦ, ଲିଟିଲ ଡ୍ୟାନ୍ସ ଗ୍ରୁପ, ପ୍ରଗତିଶୀଳ କଳା ପରିଷଦ, ମୟୂରୀ କଳା ପରିଷଦ, ସାୟର ଡ୍ୟାନ୍ସ ଏକାଡେମୀ, ବିଜୁ ପଟ୍ଟନାୟକ ଗାନ୍ଧର୍ବ କଳା ମନ୍ଦିର, ନୃତ୍ୟଶ୍ରୀ କଳା ନିକେତନ ଓ ଆରାୟନ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ପୋଡପିଠା ପ୍ରତିଯୋଗିତା, ହୁଳହୁଳି ପ୍ରତିଯୋଗିତା, ଶଙ୍ଖ ନାଦନ, ରଜ ପାନ, ରଜ ବେଶ, ରଜ ଗୀତ, ତାସ, ବିଚ ଭଲିବଲ, ନୃତ୍ୟ ଚାଲିବା, ରାଜଦୋଳି ଓ ପୁଚି, ଲୁଡୁ, ନଟୁ ଓ ସ୍କିପିଂ ପ୍ରତିଯୋଗିତା ମାନ ୪ ଦିନ ଧରି ଅନୁଷ୍ଠିତ ହେବ । ବିଭିନ୍ନ ପ୍ରତିଯୋଗିତାରେ ପୁରୁଷ, ମହିଳା, କୁମାରୀ ଓ ୧୭ ବର୍ଷରୁ କମ ବାଳକ ବାଳିକା ମାନେ ଭାଗ ନେଇ ପାରିବେ । ଶେଷ ଦିନ କୃତି ପ୍ରତିଯୋଗୀମାନଙ୍କୁ ବନ୍ଦରର ଅଧିକାରୀମାନେ ପୁରସ୍କୃତ କରିବେ । ପ୍ରତିଯୋଗିତାରେ ଭାଗ ନେବା ପାଇଁ ବିଭିନ୍ନ ବିଭାଗ ସହିତ ଯୋଗାଯୋଗ କରିବାକୁ ପଡ଼ିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି ।

# ପାରାଦୀପଗଡ଼ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



**ପାରାଦୀପ, ୧୧।୬(ସମିସ):** ପାରାଦୀପଗଡ଼ ଗ୍ରାମ ପଞ୍ଚାୟତ ପକ୍ଷରୁ ଆୟୋଜିତ ୩ୟ ବାର୍ଷିକ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବହନ ଡାନ୍ସ ଗ୍ରୁପ୍, ପ୍ରଗତି କଳା ନିକେତନ, ପାରାଦୀପ ଓ ଶ୍ରାବଣୀ କଳା ପରିଷଦ, ପାରାଦୀପଗଡ଼ କଳାକାରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନାଚଗୀତରେ ଦର୍ଶକ ଝୁମିଥିଲେ । ଏହି ବର୍ଣ୍ଣାଢ଼୍ୟ ରଜ ଉତ୍ସବ ଅବସରରେ ଆଜିର ଆୟୋଜିତ ସଭାରେ ଆଇନଜୀବୀ ସଞ୍ଜୟ କୁମାର ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ନୂଆଗଡ଼ ପଞ୍ଚାୟତ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ, ମୁଖ୍ୟ ବକ୍ତା ଭାବେ ତପନ କୁମାର ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ଶିଶିର କୁମାର ଦାସ, ଚନ୍ଦ୍ର ଶେଖର ଚୌଧୁରୀ ପ୍ରମୁଖ ଯୋଗଦେଇ ରଜ ଉତ୍ସବର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ସହିତ, ଟ୍ରଫି ପ୍ରଦାନ କରିଥିଲେ । ପ୍ରତ୍ୟେକ ଦିନ ନାଚ ଗୀତ ସାଙ୍ଗକୁ ମୀନା ବଜାର, ରାମ ଦୋଳି ଓ ସୁଆଦିଆ ଖାଦ୍ୟ ସାମଗ୍ରୀ ଦର୍ଶକଙ୍କ ମନକୁ ଆନନ୍ଦ ଦେଉଛି ।ସରପଞ୍ଚ ସସ୍ମିତା ବେହେରା ରଜ ମହୋତ୍ସବ ର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ପାଦକ ଦେବ ଦୁର୍ଲଭ କର ସଭା ସଂଯୋଜନା କରିଥିଲେ । ସୁବାସ ସେନାପତି, ଗୋଲାପ ରାଣୀ ସାହୁ, ଆଲୋକ ସ୍ୱାଇଁ ଓ ରଞ୍ଜନ ସାମଲ ମଞ୍ଚ ପରିଚାଳନା କରିଥିଲେ । ଉତ୍ସବକୁ ସରସ ସୁନ୍ଦର କରିବାକୁ ରଜ ମହୋତ୍ସବ କମିଟି ର ସଦସ୍ୟ ଜୟନ୍ତ ସେନାପତି, ନିରଞ୍ଜନ ପରିଡ଼ା, ସତ୍ୟ ନାରାୟଣ ମହାପାତ୍ର, ରାଜେନ୍ଦ୍ର ବେହେରା, ମନୋଜ ରାଉତ, ସଂଗ୍ରାମ ବେହେରା, ବିଷ୍ଣୁ ଚରଣ ସାହୁ, ଚନ୍ଦ୍ର ଶେଖର ଚୌଧୁରୀ, ଚନ୍ଦ୍ରକାନ୍ତ ସ୍ୱାଇଁ, ଅଲେଖ ମହାରଥୀ, ସନ୍ତୋଷ ଦୋରା, ଉଲ୍ଲାସ ମହାରଥୀ, ସୁଶାନ୍ତ ସାମଲ, ଅନନ୍ତ ବିଶ୍ୱାଳ, ନିର୍ଭୟ ମହାରଥୀ, ଧନେଶ୍ୱର ସାହୁ, ଦୀପକ ପଣ୍ଡା, ଧର୍ମାନନ୍ଦ ସାହୁ ପ୍ରମୁଖ ଦିନ ରାତି ଲାଗି ପଡ଼ିଛନ୍ତି ।ଏହି ଉତ୍ସବ ୭ ଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି ସଭାପତି ଆଇନଜୀବୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

# ରେଡିଓ ଆଉଟ୍‌ରିଚ୍ ପକ୍ଷରୁ ରଜ ମହୋତ୍ସବ

**ଜଗତସିଂହପୁର, ୧୧।୬(ସମିସ):** ରେଡିଓ ଆଉଟରିଚ ପକ୍ଷରୁ ରାଜ୍ୟ ସଂସ୍କୃତି ବିଭାଗ ସହଯୋଗରେ ରଜ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପାରମ୍ପରିକ ପର୍ବକୁ ବେଶ ଧୁମଧାମ ସହକାରେ ପାଳନ ପାଇଁ ପ୍ରସ୍ତୁତି ଶେଷ ହୋଇଛି।. ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଏହି ଉତ୍ସବ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ପଞ୍ଚମୁଖୀ ହନୁମାନ ପଡ଼ିଆରେ ଅନୁଷ୍ଠିତ ହେବ । ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା କଳାକାର ପ୍ରତିଦିନ ସନ୍ଧ୍ୟାରେ ଲୋକନୃତ୍ୟ ପରିବେଷଣ କରିବେ । ଖୋର୍ଦ୍ଧାର ପ୍ରସିଦ୍ଧ ପାଇକ ଆଖଡା, ସୁନ୍ଦରଗଡ଼ର ଆଦିବାସୀ ଓ ଝୁମର ନୃତ୍ୟ ପରିବେଷଣ ହେବ । ଏହା ଛଡା ପୁରୀର ସଙ୍ଗୀତମ ଅନୁଷ୍ଠାନର କଳାକାରମାନେ ସମ୍ବଲପୁରୀ ଓ ରଜ ଗୀତ ଓ ନୃତ୍ୟ ପରିବେଷଣ କରିବେ । ଶେଷଦିନ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ମଞ୍ଜରୀ ନୃତ୍ୟ କଳା ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ । ଏହି ଅବସରରେ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ପକ୍ଷରୁ ରଜ କବିତା ଆସର ଆୟୋଜିତ ହେବ । ଝିଅପିଲାମାନଙ୍କ ପାଇଁ ସଜବାଜ ପ୍ରତିଯୋଗିତା ସହ ତାସ, କଉଡି ଖେଳ ପ୍ରତିଯୋଗିତା ଆୟୋଜିତ ହେବ । ଏହା ସହ ସ୍ଥାନୀୟ ମହିଳାମାନେ ରଜ ପାନ ଓ ପୋଡପିଠା ଷ୍ଟଲ ଖୋଲିବାର କାର୍ଯ୍ୟକ୍ରମ ରହିଛି । ସେହିପରି ପିଲାମାନଙ୍କ ଖେଳିବା ପାଇଁ ଦୋଳିର ବ୍ୟବସ୍ଥା ମଧ୍ୟ କରାଯାଇଛି.କ୍ଷ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସହାୟତାରେ ଏହି ମହୋତ୍ସବ ଅନୁଷ୍ଠିତ ହେବ । ପ୍ରଥମ ଥର ପାଇଁ ସ୍ଥାନୀୟ ଅଞ୍ଚଳରେ ଏହି ରଜ ମହୋତ୍ସବ ପାଳନ ହେଉଥିବାରୁ ଅଞ୍ଚଳବାସୀ ବେଶ ଉତ୍ସାହିତ ଅଛନ୍ତି ।

# ଦେବଦମ୍ପତିଙ୍କ ନଗର ପରିକ୍ରମାରେ ପଞ୍ଚପଲ୍ଲୀ ଦୁଲୁକିଲା





**ଏରସମା, ୧୧।୬(ସମିସ):** ଜଗତସିଂହପୁର ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ଏରସମା ବ୍ଲକ ଅନ୍ତର୍ଗତ ନାରଦିଆ ପଞ୍ଚାୟତସ୍ଥିତ ପଞ୍ଚପଲ୍ଲୀ ଗ୍ରାମେଶ୍ୱର୍ ମହାଦେବଙ୍କର ବିବାହ ସମାପନ ପରେ ପାରମ୍ପରିକ ରୀତି ନୀତି ଅନୁସାରେ ଦେବଦମ୍ପତି ନଗର ପରିକ୍ରମା କରିଥିଲେ । ପୂଜାର୍ଚ୍ଚନା ପରେ ପ୍ରଭୁ ଗ୍ରାମେଶ୍ୱର ଓ ମାତା ପାର୍ବତୀଙ୍କ ବିଗ୍ରହ ସୁସଜ୍ଜିତ ପାଲିଙ୍କିରେ ମନ୍ଦିରରୁ ବାହାରି ଗୋବିନ୍ଦପୁର ଗରମସ୍ଥିତ ନାରାୟଣୀ ମନ୍ଦିର ନିକଟରେ ପହଞ୍ଚିଥିଲେ । ଦେବ ଦମ୍ପତିଙ୍କ ନଗର ଶୋଭାଯାତ୍ରାରେ ଅଘୋରୀ ନୃତ୍ୟ, ଝୁମୁରୀ ନୃତ୍ୟ, ଆଦିବାସୀ ନୃତ୍ୟ, ପଞ୍ଜାବୀ ବାଦ୍ୟର ନୃତ୍ୟ, ବାଘ ନୃତ୍ୟ ପରିବେଷଣ କରାଯାଇଥିଲା । ପଞ୍ଚପଲ୍ଲୀ ସମେତ ସ୍ଥାନୀୟ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ଦେବଦମ୍ପତିଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଶୀତଳ ଷଷ୍ଠୀ ପରିଚାଳନା କମିଟି ପକ୍ଷରୁ ସଭାପତି ନାରାୟଣ ମହାନ୍ତି, ସମ୍ପାଦକ ଯୁଗଜ୍ୟୋତି ମହାନ୍ତି, କୋଷାଧକ୍ଷ ସୁଜିତ ମହାନ୍ତି, ଶିବାନନ୍ଦ ମିଶ୍ର, ସରପଞ୍ଚ ସିମାଇ ଭୋଳ, ଜନ୍ମେଜୟ ନାୟକ, ପ୍ରକାଶ ମୁଦୁଲି, ବାବୁନୀ ବାରିକ, ରମ୍ୟ ରଞ୍ଜନ ରାମ, ଅମିୟ ମହାନ୍ତି, ପ୍ରଶାନ୍ତ ରାମ ପ୍ରମୁଖ ସମେତ କମିଟିର ସମସ୍ତ ସଭ୍ୟ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରାସାଦ ମିଶ୍ର ଉପସ୍ଥିତ ହୋଇ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଏରସମା ଥାନା ଏସଆଇ ବିଭୂତି ଭୂଷଣ ବିଶ୍ୱାଳ ସଦଳବଳେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

# ଈଶ୍ୱର-ପାର୍ବତୀଙ୍କ ପୀଠରେ ଶୀତଳଷଷ୍ଠୀ



**ବାଲିକୁଦା, ୧୧।୬(ସମିସ):** ବାଲିକୁଦା ବ୍ଲକ ଇଚ୍ଛାପୁର ପଞ୍ଚାୟତ ବଡାଗରସ୍ଥିତ ପୁରାତନ ଶୈବପୀଠ ଈଶ୍ୱର ପାର୍ବତୀଙ୍କ ପୀଠରେ ଶୀତଳ ଷଷ୍ଠୀ ଅବସରରେ ଈଶ୍ୱର ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବର ପିତା ଭାବରେ ପ୍ରସନ୍ନ ପାଇଟଳ ଓ କନ୍ୟା ପିତା ଭାବେ ପୁଲକ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ ।ପଣ୍ଡିତ କ୍ଷେତ୍ରମୋହନ ନନ୍ଦ ଶର୍ମା ଏବଂ ପଣ୍ଡିତ ପ୍ରଭାତ କୁମାର ରଥ ମନ୍ତ୍ର ଉଚ୍ଚାରଣ କରି ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ । ପୀଠର ପୂଜକ ବାଲ୍ମୀକି ପଣ୍ଡା, ପ୍ରେମାନନ୍ଦ ପଣ୍ଡା, ଶ୍ରୀବସ୍ଥ ପଣ୍ଡା, ବିଚିତ୍ରା ନନ୍ଦ ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ । ପରେ ଏକ ସୁସଜିତ ପାଲିଙ୍କିରେ ଠାକୁରଙ୍କୁ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବଡାଗର ଗ୍ରାମବାସୀ ମାନେ ପରିଚାଳନା କରିଥିଲେ ।

# ବନ୍ଦର ପରିବହନ ଏବଂ ଜଳପଥ ମନ୍ତ୍ରଣାଳୟର ମନ୍ତ୍ରୀଙ୍କୁ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ସ୍ୱାଗତ



**ପାରାଦୀପ, ୧୧।୬(ସମିସ):** କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଓ ଶାନ୍ତନୁ ଠାକୁର ଚଳିତ ଜୁନ ୧୦ ତାରିଖରେ ବନ୍ଦର ପରିବହନ ଜଳପଥ ମନ୍ତ୍ରଣାଳୟର ପୁନଶ୍ଚ ଦାୟିତ୍ୱ ଗ୍ରହଣ କରିଥିବାରୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଅଶେଷ ବଧାଇ ଜଣାଇଛନ୍ତି ।ଦାୟିତ୍ୱ ଗ୍ରହଣ ପରେ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରି ମନ୍ତ୍ରୀ କହିଛନ୍ତି ଯେ ଲୋକଙ୍କ ସେବା ସହିତ ବିକଶିତ ଭାରତ ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିବେ । ନରେନ୍ଦ୍ର ମୋଦିଙ୍କ ଗତିଶୀଳ ନେତୃତ୍ୱରେ ବନ୍ଦର ଜାହାଜ ଏବଂ ଜଳପଥ ମନ୍ତ୍ରଣାଳୟକୁ ସଶକ୍ତିକରଣ କରିବା ପାଇଁ କାର୍ଯ୍ୟ ଜାରି ରଖାଯିବ ବୋଲି ଉଭୟ ମନ୍ତ୍ରୀ କହିଛନ୍ତି । ଯେପରି ଅମୃତକାଳ ଭିଜନ-୨୦୪୭ ପର୍ଯ୍ୟନ୍ତ ଏହା ଦର୍ଶାଯାଇଛି ।

# ବନ୍ଦର ପକ୍ଷରୁ ବିକଳ୍ପ ସଡ଼କ ସଂଯୋଗୀକରଣ ରାସ୍ତା ଉଦ୍‌ଘାଟିତ



**ପାରାଦ୍ୱୀପ, ୧୧।୬(ସମିସ):** ପାରାଦ୍ୱୀପ ବନ୍ଦର ପ୍ରାଧିକରଣ (ପିପିଏ) ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥରୁ ବନ୍ଦର ଟାଉନସିପ୍ ପର୍ଯ୍ୟନ୍ତ ଏକ ବିକଳ୍ପ ସଡ଼କ ସଂଯୋଗ ବ୍ୟବସ୍ଥା ମଙ୍ଗଳବାର ଦିନ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଏକ କାର୍ଯ୍ୟକ୍ରମ ରେ ବନ୍ଦର ଅଧକ୍ଷ ପି.ଏଲ. ହରନାଦ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ନୂତନ ସଡ଼କର ଉଦଘାଟନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବନ୍ଦରର ବହୁ ଉଚ୍ଚ ଅଧିକାରୀ ମାନେ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ନୂତନ ସଡ଼କ ଯୋଗୁଁ ବନ୍ଦର ସହରାଞ୍ଚଳରେ ଟ୍ରାଫିକ ସମସ୍ୟା ଅନେକାଂଶରେ ଦୂର ହେବା ସହ ଜରୁରୀକାଳୀନ ଯାତାୟତରେ ଅନେକ ସୁଧାର ଆସିବ । ଏତଦବ୍ୟତୀତ ସ୍କୁଲ ସମୟରେ କେନ୍ଦ୍ରିୟ ବିଦ୍ୟାଳୟ ସାମ୍ନାରେ ଲାଗି ରହୁଥିବା ଭିଡ଼ କମିବା ସହ ସାଧାରଣରେ ଯାତାୟତ ସୁଗମ ହେବ ବୋଲି ବନ୍ଦର ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରୁ ସୂଚନା ମିଳିଛି ।

# ଗୋରୁଗାଡ଼ି ଧରି ପୁଲିସ ଜିମା ଦେଲେ ଲୋକେ

**ଜଗତସିଂହପୁର, ୧୧।୬(ସମିସ):** ଜଗତସିଂହପୁର ଥାନା ଅନ୍ତର୍ଗତ ଜଁକୋଟିଠାରେ ଦୁଇଟି ଗୋରୁଗାଡିକୁ ଅଟକରଖି ସ୍ଥାନୀୟ ଅଞ୍ଚଳର କିଛି ଯୁବକ ପୁଲିସର ଜିମା ଦେଇଥିଲେ । ତେବେ ପୁଲିସ ତଦନ୍ତରୁ ଏହି

**ଗାଡ଼ିପିଛା ୫ହଜାର ଟଙ୍କା ମାଗୁଥିବା ଚାଳକଙ୍କ ଅଭିଯୋଗ**

ଗୋରୁଗୁଡିକୁ ପାଳିବାକୁ ଘରୋଇ ବ୍ୟକ୍ତିମାନେ ନେଉଥିବା ଜଣାପଡ଼ିବା ପରେ ଗାଡି ଦୁଇଟିକୁ ଥାନାରୁ ଛାଡି ଦିଆଯାଇଛି ।

ପୁଲିସ ସୂଚନା ମୁତାବକ, ମଙ୍ଗଳବାର ସକାଳେ ଦୁଇଟି ଗାଡିରେ ପ୍ରାୟ ୬/୭ଟି ଗାଇ ନିଆଯାଉଥିବାବେଳେ ଏହାକୁ କେତେକ ଯୁବକ ଅଟକାଇଥିଲେ । ସେମାନେ ଏହାକୁ ପୁଲିସର ଜିମା ଦେବାପରେ ପୁଲିସ ଗାଡିଗୁଡିକୁ ଥାନାକୁ ଆଣି ତଦନ୍ତ କରିଥିଲା । ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ତଦନ୍ତରେ ଉକ୍ତ ଗୋରୁ ଗୁଡିକ ଦେହରେ କୌଣସି କ୍ଷତଚିହ୍ନ ନଥିବାବେଳେ ଗାଡିରେ ଆବଶ୍ୟକତାଠାରୁ ଅଧିକ ଗୋରୁ ମଧ୍ୟ ପରିବହନ କରାଯାଉନଥିବାରୁ ଏହା ଆଇନ ଅନୁସାରେ ଦୋଷାବହ ନଥିଲା । ଗାଈ କିଣିଥିବା ବ୍ୟକ୍ତି ପାଳିବାକୁ ନେଉଥିବା ପୁଲିସ ନିକଟରେ କହିଥିଲେ । ଗାଈ ମାଲିକଠାରୁ ଗାଈ କିଣିଥିବା ସମ୍ପର୍କରେ ହାତଲେଖା ରସିଦ ପୁଲିସକୁ ଦେଖାଇଥିଲେ । ଏହାପରେ ପୁଲିସ ଗାଡି ଦୁଇଟିକୁ ଛାଡିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ସ୍ଥାନୀୟ ଯୁବକମାନେ ଉକ୍ତ ଗୋରୁଗାଡି ଅଟକାଇବା ପରେ ସେମାନଙ୍କୁ ଭୟଭୀତ କରି ଗାଡିପିଛା ୫ହଜାର ଲେଖାଏ ଟଙ୍କା ମାଗିଥିବା ଗୋରୁଗାଡିର ଚାଳକ ପୁଲିସକୁ ତଦନ୍ତବେଳେ କହିଥିଲେ ।

# ବେଳାଭୂମି ସଫେଇ କାର୍ଯ୍ୟକ୍ରମ



**ତିର୍ତ୍ତୋଲ, ୧୧।୬(ସମିସ):** ଭାରତ ସରକାରଙ୍କ ଭୂତତ୍ୱ ବିଜ୍ଞାନ ମନ୍ତ୍ରାଳୟରୁ ଓମେନ ସୋସାଇଟି ଅଫ ଇଣ୍ଡିଆ ଓ ଭୂତତ୍ୱ ବିଜ୍ଞାନ ବିଭାଗ ତିର୍ତ୍ତୋଲ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ସହଯୋଗରେ ପାରାଦୀପ ବେଳାଭୂମିରେ ଏକଦିବସୀୟ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏସଆଇର ଜାତୀୟ ସଂଯୋଜକ ତଥା କେରଳ ବିଶ୍ୱବିଦ୍ୟାଳୟର କେ. ଭି. ଜୟଚନ୍ଦନଙ୍କ ପରାମର୍ଶକ୍ରମେ ଏହି ସଫେଇ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା । ଆଞ୍ଚଳିକ ସଂଯୋଜକ ତଥା ଆଦିକବି ସାରଳା ଦାସ ମହାବିଦ୍ୟାଳୟର ଭୂତତ୍ୱ ବିଜ୍ଞାନର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଶୁଭେନ୍ଦୁ ରାୟଙ୍କ ତତ୍ତ୍ୱାବଧାନରେ ଓ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ବିମଳକାନ୍ତ ମହାପାତ୍ର ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସଦାଶିବ ସାହୁଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ସମୁଦ୍ର ବେଳାଭୂମିରୁ ପ୍ଲାଷ୍ଟିକ ବୋତଲ, ଜରି ଓ ଅନ୍ୟାନ୍ୟ ଆବର୍ଜନା ସଫେଇ କରାଯାଇଥିଲା । ରସାୟନ ବିଭାଗର ସରୋଜ କୁମାର ଶାନ୍ତି, ଓଡିଆ ବିଭାଗର ଋତୁପଦ ମହାନ୍ତି, ଭୂତତ୍ତ୍ୱ ବିଭାଗର ପ୍ରହରାଜ ମହାପାତ୍ର, ତଟରକ୍ଷୀ ବାହିନୀ, ପୌରପରିଷଦ କର୍ମଚାରୀ ବୃନ୍ଦ, ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ପରିଷଦ ବିଶ୍ୱାଳିର ସ୍ୱେଚ୍ଛାସେବୀ ମାନେ, ନୀଳଚକ୍ର ୟୁଥ କ୍ଲବ, ପାରାଦ୍ୱୀପର ସଦସ୍ୟ ମାନେ ଏହି ସଫେଇ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# ଶିବ ବିବାହ ଉତ୍ସବରେ ଦୁଲୁକିଲା କୋଳଡିଆ



ପାରାଦୀପ, ୧୧।୬(ସମିସ)

ବରଯାତ୍ରୀଙ୍କ ବାଜାବାଣରେ କମ୍ପିଥିଲା କୋଲଡିଆ ଗ୍ରାମ । ଶୋଭାଯାତ୍ରାରେ ଗାଁର ମହିଳାମାନେ ଉଲ୍ଲସିତ ହୋଇ ନାଚିଥିଲେ । ଶିବ ବିବାହ ଅବସରରେ କୋଲଡିଆ ଅମରେଶ୍ୱର ମହାଦେବ ପୀଠରେ ଶୀତଳ ଷଷ୍ଠୀ ଉତ୍ସବରେ ଶିବଙ୍କର ବିବାହ ଉତ୍ସବ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା ।ଏହି ଉତ୍ସବରେ କୋଲଡିଆ ସମେତ ସ୍ଥାନୀୟ ଅଞ୍ଚଳର ଭକ୍ତମାନେ ଯୋଗ ଦେଇଥିଲେ ।୭ ଦିନ ତଳେ ଉକ୍ତ ପୀଠରେ ସତ୍ୟବାକ୍ୟ ନିର୍ବନ୍ଧ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପରେ ଜାଇ ଅନୁକୂଳ ମଧ୍ୟ ହୋଇଥିଲା । ଦିନ ୨ଟା ସୁଦ୍ଧା ବରଧରା ଆସି ପହଞ୍ଚି ଶିବଙ୍କୁ ନିମନ୍ତ୍ରଣ କରିଥିଲେ । ପରେ ଅପରାହ୍ନ ୫ଟା ରେ ଅମରେଶ୍ୱର ମହାଦେବ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ଗ୍ରାମ ପରିକ୍ରମା କରି ଆସି ମନ୍ଦିରରେ ପହଞ୍ଚିଥିଲେ । ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ହଜାର ହଜାର ଭକ୍ତ ପ୍ରସାଦ ସେବନ କରିଥିଲେ । ଏହି ଶିବ ବିବାହ ଉତ୍ସବକୁ କୋଲଡିଆ ଗ୍ରାମବାସୀ ବୃନ୍ଦ ସମସ୍ତଙ୍କ ସହଯୋଗରେ ଆୟୋଜନ କରାଯାଇଥାଏ ।କନ୍ୟା ପିତା ଭାବେ ପ୍ରଦୀପ କୁମାର ପତି ଓ ବର ପିତା ଭାବରେ ରବୀନ୍ଦ୍ର କୁମାର ସିଂ ଉପସ୍ଥିତ ଥିଲେ ବୋଲି ମନ୍ଦିର ପୂଜକ ପଦ୍ମଲୋଚନ ଦାସ ସୂଚନା ଦେଇଛନ୍ତି ।

### ପ୍ରସିଦ୍ଧ ଶୈବପୀଠ କପିଳାସ ଚଳଚଞ୍ଚଳ

# ପାରମ୍ପରିକ ରୀତିନୀତିରେ ଶିବ ବିବାହ ଓ ଶୀତଳଷଷ୍ଠୀ ସମ୍ପନ୍ନ





**ଢେଙ୍କାନାଳ, ୧୧।୬ (ସମିସ):** ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସଠାରେ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ବିବାହ ଉତ୍ସବ ପାରମ୍ପରିକ ନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳ ସମୟରେ ଦେଓଗାଁ ସ୍ଥିତ ବଳଦେବଜୀଉ ମନ୍ଦିର ନିକଟରେ ଯଥା ବିଧି ଅନୁଯାୟୀ ମଙ୍ଗଳ ଆଳତୀ, ଦ୍ୱାରପାଳ ପୂଜା, ସୂର୍ଯ୍ୟ ପୂଜା ଓ ବଲ୍ଲଭ ଭୋଗ ଚନ୍ଦ୍ରଶେଖର ଜୀଉ ଓ ମା' ପାର୍ବତୀଙ୍କ ନିକଟରେ ଅର୍ପଣ କରାଯାଇଥିଲା । ସକାଳ ୯ଟା ସମୟରେ ଖେଚୁଡ଼ି ଭୋଗ ପରେ ମଧ୍ୟାହ୍ନ ଭୋଗ କରାଯାଇ ଠାକୁରଙ୍କ ପହଡ଼ ପଡ଼ିଥିଲା । କେବଳ ଚନ୍ଦ୍ରଶେଖରଙ୍କ ବିଜେ ପ୍ରତିମାଙ୍କୁ ବଳଦେବଜୀଉ ମନ୍ଦିରରୁ ବିମାନରେ ଶିବସାଗର ପୁଷ୍କରିଣୀକୁ ନିଆଯାଇଥିଲା । ସେଠାରେ ଆଳତି ପରେ ମହାଦେବ ମାଘ ସ୍ନାନକରି ନୂତନ ବସ୍ତ୍ର ଓ ମୁକୁଟ ଲଗାଇ ବରବେଶରେ ସଜାଡ଼ି ପାଲିଙ୍କିରେ ବସି ଶୋଭାଯାତ୍ରାରେ କେଳା କେଲୁଣୀ ଭୂତ ଭୂତୁଣି ଆଦି ବାରୁଆଳି ବେଶରେ ବରଯାତ୍ରୀଙ୍କ ସହ ଶୋଭାଯାତ୍ରାରେ ଆସିଥିଲେ । ବରଯାତ୍ରୀଙ୍କ ନାଚ ଗୀତରେ ଅଞ୍ଚଳର ଗଗନ ପବନ ପ୍ରକମ୍ପିତ ହୋଇଉଠିଥିଲା । ପ୍ରଭୁ ଶୋଭାଯାତ୍ରାରେ ଆସିବା ସମୟରେ ବଳଦେବଜୀଉ ମନ୍ଦିରରୁ ଗୋପୀନାଥଜୀଉ ମନ୍ଦିର ପର୍ଯ୍ୟନ୍ତ ଅଧାବାଟରୁ ପାଲିଙ୍କିରେ ବସି ବାଟ ବରଣୀ କରାଯାଇଥିଲା । ତା'ପରେ ପ୍ରଭୁ ଚନ୍ଦ୍ରଶେଖରଙ୍କ ବିଜେ ପ୍ରତିମା ଓ ଗୋପୀନାଥ ଜୀଉ ଆଗପଛ ହୋଇ ବଳଦେବଜୀଉ ନିକଟରେ ଥିବା ବିଗ୍ରହ ମଣ୍ଡପକୁ ଆସିଥିଲେ । ବରପିତା ଭାବେ ସୁରେନ ପତି ଓ କନ୍ୟା ପିତା ଭାବେ ବିଜୟ ପତି ବିବାହ କାର୍ଯ୍ୟ ସମାପନ କରିଥିଲେ । ମନ୍ଦିରରେ ଥିବା ବିବାହ ମଣ୍ଡପରେ ଶ୍ରୀ ଜୀଉଙ୍କ ବିବାହ ନୀତି କାକଟପୁରରୁ ଆସିଥିବା ପୂଜକ ଗତେଶ୍ୱର ମିଶ୍ରଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । ବିଳମ୍ବିତ ରାତ୍ରିରେ ବିବାହ ଉତ୍ସବ ଶେଷହେବା ପରେ ନିଯୋଗ ଖିରୀ, ଖୀରିସା, କାକରା, ଦଧି ଅନ୍ନ, ଖେଚୁଡ଼ି, କାନିକା, ତରକାରୀ, ଖଟା, ଭଜା ଆଦି ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନରେ ପୂଜା କରାଯିବାର ନୀତି ରହିଛି । ନବଦମ୍ପତି ଶିବ ସାଗରକୁ ଯାଇ ପଞ୍ଚାମୃତରେ ମାଘ ସ୍ନାନ ଶେଷକରି ବିବାହ ବେଦୀକୁ ଆସି କଉଡ଼ି ଖେଳ, ଶୀତଳ ମଣୋହି ପରେ ବରବାହୁଡା ହେବାର କାର୍ଯ୍ୟକ୍ରମ ରହିଛି । ସମସ୍ତ କାଯ୍ୟକ୍ରମକୁ ପୀଠର ସେବାୟତ, ପୁରୋଧା ଓ ଦେବୋତ୍ତର ବିଭାଗର କର୍ମଚାରୀମାନେ ସୁଚାରୁ ରୂପେ ସମ୍ପନ୍ନ କରିଥିଲେ ।

## ଉକ୍ରେଳେଶ୍ୱର ମହାଦେବଙ୍କ ବିବାହ ଉତ୍ସବ



**ଢେଙ୍କାନାଳ, ୧୧।୬(ସମିସ) :** ସ୍ଥାନୀୟ କଲେଜ ରୋଡ୍ ସ୍ଥିତ ଉକ୍ରେଳେଶ୍ୱର ମହାଦେବ ମନ୍ଦିରରେ ଶିବ ବିବାହ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି । ଯଥାବିଧି ଅନୁଯାୟୀ ବାଟବରଣୀ କରାଯାଇ ବେଦୀରେ ଶିବ ପାର୍ବତୀଙ୍କୁ ବସାଇ ବିବାହ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିବଙ୍କ ପିତା ଓ ମାତାଙ୍କ ସ୍ଥାନ ଗ୍ରହଣ କରିଥିଲେ ଯଥାକ୍ରମେ ସୁଧାଂଶୁ ଶେଖର ପଣ୍ଡା ଓ ମାନସୀ ଦାସ । ପାର୍ବତୀଙ୍କ ପିତା ଓ ମାତାଙ୍କ ସ୍ଥାନ ଗ୍ରହଣ କରିଥିଲେ ଯଥାକ୍ରମେ ପ୍ରତାପ କିଶୋର ପାଣିଗ୍ରାହୀ ଓ ବାସନ୍ତୀ ପାଣି । ପୁରୋଧା ସୌମ୍ୟ ନାରାୟଣ ଦାସ ଓ ପଙ୍କଜ ପଣ୍ଡା ଉପସ୍ଥିତ ରହି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ମନ୍ଦିର ପ୍ରତିଷ୍ଠାତ୍ରୀ ପୁଷ୍ପଲତା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଶାନ୍ତିଲତା ପଣ୍ଡା, ଦୁଃଶାସନ ବାରିକ, ସୁଭଦ୍ରା ବାରିକ, ଟୁନା ବାରିକ ପ୍ରମୁଖ ସହଯୋଗ କରିଥିଲେ ।

## ଶ୍ରୀ ଶ୍ରୀ ଲଳିତେଶ୍ୱର ମହାଦେବଙ୍କ ବିବାହ ଉତ୍ସବ



**ଢେଙ୍କାନାଳ, ୧୧।୬(ସମିସ) :** ସ୍ଥାନୀୟ ବୋରାପଦାସ୍ଥିତ ମା'ଜେନାଦେବୀ ଏବଂ ଶ୍ରୀ ଲଳିତେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଶିବ ବିବାହ ଅନୁଷ୍ଠିତ ହୋଇଯାଇଛି । ଲଳିତେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମା ବୋରାପଦାସ୍ଥିତ ଫାସି ପଡ଼ିଆରୁ ଶୋଭାଯାତ୍ରା ବାହାରି ମନ୍ଦିର ପରିସରରେ ପହଞ୍ଚିଥିଲେ । ସେଠାରେ ବୈଦିକ ରୀତି ଅନୁସାରେ ବିବାହ କାର୍ଯ୍ୟ ସମାପନ ହୋଇଥିଲା । ବରପିତା ଭାବେ ଆଲୋକ କୁମାର ସେଠୀ ଓ କନ୍ୟା ପିତା ଭାବେ ଗୌରୀଶଙ୍କର ମିଶ୍ର ସମସ୍ତ କାର୍ଯ୍ୟ ତୁଲାଇଥିଲେ । ଶେଷରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ମା' ଜେନାଦେବୀ ଗ୍ରାମ୍ୟ ଉନ୍ନୟନ ସମିତି ତରଫରୁ ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ଯୋଗଦାନ କରି ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ତୁଲାଇଥିଲେ ।

## ହିନ୍ଦୋଳ ରଥଯାତ୍ରା ଲାଗି ପ୍ରସ୍ତୁତି ବୈଠକ



**ହିନ୍ଦୋଳ, ୧୧।୬(ସମିସ):** ଢେଙ୍କାନାଳ ଜିଲ୍ଲାର ଦ୍ୱିତୀୟ ସର୍ବବୃହତ ପ୍ରସିଦ୍ଧ ଘୋଷଯାତ୍ରା ତଥା ହିନ୍ଦୋଳ ଉପଖଣ୍ଡର ଆରାଧ୍ୟ ଦେବତା ଶ୍ରୀ ଦଧିବାମନ ଜୀଉଙ୍କ ପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୭ ତାରିଖରେ ଅନୁଷ୍ଠିତ ହେବା ସହ ବାହୁଡ଼ା ଯାତ୍ରା ଆସନ୍ତା ଜୁଲାଇ ୧୫ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି । ଏଥିପାଇଁ ରଥଯାତ୍ରା କମିଟି ଅଧ୍ୟକ୍ଷ ତଥା ହିନ୍ଦୋଳ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ତହସିଲଦାରଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୂର୍ବବର୍ଷର ବିବରଣୀ ପାଠ କରାଯିବା ସହ କିଭଳି ଚଳିତ ରଥଯାତ୍ରା ସୁରୁଖୁରୁରେ ଅନୁଷ୍ଠିତ ହେବ, ସେଥିପାଇଁ ଆଲୋଚନା ହୋଇଥିଲା । ପୂର୍ବବର୍ଷ ପୁରୁଣା ରଥ ବଦଳରେ ନୂଆ ରଥ ନିର୍ମାଣ ହୋଇଥିବା ବେଳେ ଚଳିତବର୍ଷ ମଧ୍ୟ ତୃତୀୟରଥ ଦେବୀ ସୁଭଦ୍ରାଙ୍କ ରଥ ନିର୍ମାଣ ହେଉଛି, ଯାହାକି ହିନ୍ଦୋଳର ଅଗଣିତ ଜଗନ୍ନାଥ ପ୍ରେମୀ ଓ ଭକ୍ତଙ୍କ ନିମନ୍ତେ ଖୁସି ଆଣିଦେଇଛି । ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବବର୍ଷ ଅତ୍ୟନ୍ତ ଶାନ୍ତିଶୃଙ୍ଖଳାର ସହିତ ସୁରୁଖୁରୁରେ ରଥଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଚଳିତ ବର୍ଷ ମଧ୍ୟ ଉପଜିଲ୍ଲାପାଳଙ୍କ ଦୃଢ଼ ସୁଚିନ୍ତିତ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ବୋଲି ଜନସାଧାରଣ ଆଶା ରଖିଛନ୍ତି । ପୂର୍ବ ନିର୍ଦ୍ଧାରିତ ପାଞ୍ଜି ଓ ସୂଚୀ ଅନୁଯାୟୀ ସକାଳ ୧୧ ଘଣ୍ଟା ଭିତରେ ଦିଅଁମାନଙ୍କର ନୀତି ପାଳନ କରାଯାଇ ନେତ୍ରୋତ୍ସବ, ସ୍ନାନବେଦୀରେ ମହାସ୍ନାନ, ଅନ୍ନଭୋଗ, ଧୂପ, ନୈବେଦ୍ୟ କରାଯାଇ ୧୧.୩୦ରେ ପହଣ୍ଡିବିଜେ କରାଯାଇ ତିନି ଠାକୁରଙ୍କୁ ରଥରୂଢ଼ କରାଯିବ । ଏହା ଭିତରେ ତିନି ରଥରେ ରଥପୂଜା, ପ୍ରତିଷ୍ଠା, ଘୋଡ଼ାବନ୍ଧା, ସାରଥୀ ପ୍ରତିଷ୍ଠା କରାଯାଇ ଆଜ୍ଞାମାଳ ଆଣି ରଥରେ ଚାରମାଳ ବନ୍ଧା ନୀତି ସମ୍ପନ୍ନ ହେବ ଏବଂ ଦଧିବାମନ ଶ୍ରୀଜୀଉଙ୍କ ପ୍ରଥମ ସେବକ ହିନ୍ଦୋଳ ରାଜା ସାହେବ ଶୈଳେନ୍ଦ୍ର ନାରାୟଣ ସିଂ ରଥମାନଙ୍କରେ ଛେରାପହଁରା ନୀତି ସମ୍ପନ୍ନ କରିବା ପରେ ଅପରାହ୍ନରେ ତିନି ରଥ ଟଣାଯିବ ଏବଂ ତିନି ଦିଅଁ ଶ୍ରୀଗୁଣ୍ଡିଚାମନ୍ଦିର ଅଭିମୁଖେ ଯାତ୍ରା କରିବେ । ସେହିପରି ଆସନ୍ତା ଜୁଲାଇ ୧୫ ତାରିଖରେ ବାହୁଡ଼ା ଯାତ୍ରା ଓ ତା' ପରଦିନ ସୁନାବେଶ ଅନୁଷ୍ଠିତ ହୋଇ ତା'ପରେ ତିନି ଠାକୁର ନୀଳାଦ୍ରି ବିଜେ କରିବେ । ଚଳିତ ଘୋଷଯାତ୍ରା ନିମନ୍ତେ ହିନ୍ଦୋଳର ଅଗଣିତ ଜଗନ୍ନାଥପ୍ରେମୀ ଅତ୍ୟନ୍ତ ଉତ୍ସାହ ଉତ୍କଣ୍ଠା ସହକାରେ ଅପେକ୍ଷା କରିରହିଛନ୍ତି । ଆଜିର ବୈଠକରେ ହିନ୍ଦୋଳ ତହସିଲଦାର ଦିଲୀପ ସେଠି, ସମସ୍ତ ଅତିରିକ୍ତ ଉପଜିଲ୍ଲାପାଳ, ଅତିରିକ୍ତ ତହସିଲଦାର, ଏନଏସି ନିର୍ବାହୀ ଅଧିକାରୀ ଏମ ଶ୍ରୀନିଭାସ, ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ, ହିନ୍ଦୋଳ ଥାନା ଭାରପ୍ରାପ୍ତ ଅଧିକାରୀ ଚାରୁଲତା ବେହେରା, ସିଡିପିଓ, ଅଗ୍ନିଶମ, ଅବକାରୀ, ବିଦ୍ୟୁତ୍, ପିଏଚଡି, ପିଡବ୍ଲୁଡି, ସ୍ୱାସ୍ଥ୍ୟ, ଦେବୋତ୍ତର, ଜଙ୍ଗଲ ବିଭାଗ ଅଧିକାରୀମାନେ, ସାମ୍ବାଦିକ, ଆଇନଜୀବୀ, କାଉନସିଲର ଓ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ । ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହିନ୍ଦୋଳ ପ୍ରଶାସନ, ହିନ୍ଦୋଳ ଆରକ୍ଷୀ ବିଭାଗ ସମଗ୍ର ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା କରିବେ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହଯୋଗ ନିଆଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା ।

# ତାଳଚେର ରଥଯାତ୍ରା ଭଜନ ସନ୍ଧ୍ୟା କମିଟିର ପ୍ରସ୍ତୁତି ବୈଠକ



**ତାଳଚେର ସଦର, ୧୧। ୬(ସମିସ):** ଆସନ୍ତା ମାସ ଜୁଲାଇ ୭ ତାରିଖରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପଡୁଛି । ପ୍ରତିବର୍ଷ ପରି ଏବର୍ଷ ୯ଦିନ ଧରି ମଧ୍ୟ ବଡ଼ ଧୂମଧାମରେ ଭୋଜନ ସଂନ୍ଧ୍ୟା ତାଳଚେରରେ ଅନୁଷ୍ଠିତ ହେବାକୁ ଯାଉଛି । ଏଥିପାଇଁ ରଥଯାତ୍ରା ଭଜନ ସନ୍ଧ୍ୟା କମିଟି ତରଫରୁ ଅମଲାପଡ଼ା ସ୍ଥିତ କମ୍ୟୁନିଟି ସେଣ୍ଟର ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ବିଧାୟକ ତଥା ରଥଯାତ୍ରା ଭଜନ ସନ୍ଧ୍ୟା କମିଟିର ସଭାପତି ବ୍ରଜକିଶୋର ପ୍ରଧାନ ଉପସ୍ଥିତ ରହି ଚଳିତ ବର୍ଷ ହେବାକୁ ଥିବା କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ କିପରି ଶେଷ ହେବ ସେନେଇ ମତ ଦେଇଥିଲେ । ୭ରୁ ୧୫ ତାରିଖ ପର୍ଯ୍ୟନ୍ତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଅଛି । ଏଥିରେ ଓଡ଼ିଶାର ସୁନାମ ଧନ୍ୟ କଣ୍ଠ ଶିଳ୍ପୀମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ନିଆଯାଇଛି । ତା'ସାଙ୍ଗକୁ ସ୍ଥାନୀୟ କଳାକାର ମଧ୍ୟ ଏହି ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ନିଷ୍ପତ୍ତି ହୋଇଥିଲା । ସେହିପରି ରଥଯାତ୍ରା ଦିନ ବଡ଼ଦାଣ୍ଡରେ ସକାଳ ୧୧ ଘଟିକାଠାରୁ ନାମସଂକୀର୍ତ୍ତନ ହେବା ସହ ପୁରୀର ମେଢ଼ନୃତ୍ୟ ଓ ଦେବଦାସୀ ନୃତ୍ୟ ଅନୁଷ୍ଠିତ ହେବା ନିମନ୍ତେ ମତବ୍ୟକ୍ତ କରିଥିଲେ । କୋଷାଧକ୍ଷ କମଳାକାନ୍ତ ଜେନା ବିଗତ ବର୍ଷ ରଥଯାତ୍ରା ଆୟ ବ୍ୟୟର ହିସାବ ପ୍ରଦାନ କରିଥିଲେ । ଶେଷରେ ସମ୍ପାଦକ ସଂଜୀବ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିସହ ବୈଠକ ଭଙ୍ଗ କରାଯାଇଥିଲା । ଏହି ବୈଠକରେ କଣିହାଁ ବ୍ଲକ ଚେୟାରମ୍ୟାନଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ସଦସ୍ୟା ଉପସ୍ଥିତ ରହିଥିଲେ ।

### ଚିକିତ୍ସାଧୀନ ରୋଗୀଙ୍କୁ ଡାକ୍ତରଖାନାରୁ ଉଠାଇନେଲେ

# ହଟହଟା ହେଲା ବାରକୋଟ ପୁଲିସ



**ପାଲଲହଡ଼ା, ୧୧। ୬(ସମିସ):** ପାଲଲହଡ଼ା ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଏକ ରୋଗୀଙ୍କୁ ଦେବଗଡ଼ ଜିଲ୍ଲା ବାରକୋଟ ଥାନା ପୁଲିସ ତରବରିଆ ଭାବରେ ଉଠାଇ ନେଇ ପୁଣି ମେଡିକାଲରେ ଛାଡ଼ିଦେବା ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁଯାୟୀ, ସୋମବାର ସକାଳ ସମୟରେ ଦେବଗଡ଼ ଜିଲ୍ଲା ବାରକୋଟ ଥାନାର ଏଏସଆଇ ନିଜ ଟିମ୍ ସହିତ ପୁଲିସ ଭ୍ୟାନରେ ପାଲଲହଡ଼ା ମେଡିକାଲରେ ପହଞ୍ଚିଥିଲେ । ସେଠାରେ ଚିକିତ୍ସାଧୀନ ଥିବା ବାରକୋଟ ଥାନା ଗୋଲାବନ୍ଧ ଗ୍ରାମର ମଙ୍ଗୁଲୁ ନାଏକ(୨୮)ଙ୍କୁ ବେଡରେ ଶୋଇଥିବା ଅବସ୍ଥାରେ ଜୋରଜବରଦସ୍ତ ପୁଲିସ ଗାଡ଼ିରେ ବସାଇ ନେଇଯାଇଥିଲା । ରୋଗୀଙ୍କ ସମ୍ପର୍କୀୟ ଭଉଣୀ ଝିଲି ନାଏକ ଓ ମା' ମାରୁଆ ନାଏକ ପୁଲିସ ଟିମ୍ ପଛରେ ଦୌଡ଼ି ଦୌଡ଼ି ଥାନାରେ ଦେଖା କରିବୁ, ଛାଡ଼ିଦିଅ କହି କାକୁତିମିନତୀ ହେଉଥିବା ଦେଖିବାକୁ ମିଳିଥିଲା । ପରିବାର ଲୋକେ ଏନେଇ ଥାନାରେ ଅଭିଯୋଗ କରିଥିଲେ । ପରିବାରବର୍ଗ ଡିଆଇଜି ତାଳଚେରଙ୍କୁ ଫୋନ ଦ୍ୱାରା ଜଣାଇଥିଲେ । ଉପରିସ୍ଥ ଅଧିକାରୀଙ୍କ ଚାପରେ ପ୍ରାୟ ଏକ ଘଣ୍ଟା ପରେ ବାରକୋଟ ପୁଲିସ ଏଏସଆଇ ସନ୍ତୋଷ ନାୟକ ଓ ପୁଲିସ ଟିମ୍ ଗିରଫ କରିଥିବା ରୋଗୀ ମଙ୍ଗୁଲୁ ନାଏକଙ୍କୁ ପାଲଲହଡ଼ା ମେଡିକାଲରେ ଛାଡ଼ି ଦେଇଥିଲେ । ଥାନାବାବୁ ଜଣଙ୍କ ରୋଗୀଙ୍କୁ ଛାଡ଼ି ଚାଲିଯାଉଥିବା ବେଳେ ପାଲଲହଡ଼ା ମେଡିକାଲର ସିକ୍ୟୁରିଟି ଗାର୍ଡମାନେ ବେଆଇନ ଭାବରେ ରୋଗୀଙ୍କୁ ଉଠାଇ ନେଇ ପୁଣି ଛାଡ଼ିବାରୁ ମେଡିକାଲ ଅଧିକାରୀଙ୍କ ପାଖରେ ଦସ୍ତଖତ କରି ଯିବା ପାଇଁ କହି ସେମାନଙ୍କୁ ଛାଡି ନଥିଲେ । ଯାହା ଫଳରେ ମେଡିକାଲ ପରିସରରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ଏଏସଆଇ ଜଣକ ନିରୁପାୟ ହୋଇ ବସିରହିଥିବା ଦେଖିବାକୁ ମିଳିଥିଲା । ପାଲଲହଡ଼ା ପୁଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିବା ଦେଖିବାକୁ ମିଳିଥିଲା । ତେବେ ଡାକ୍ତରଖାନା ପରିସରରୁ ଜଣେ ଚିକିତ୍ସାଧୀନ ରୋଗୀଙ୍କୁ ମେଡିକାଲ ଅଧିକାରୀଙ୍କ ଅନୁମତି ନ ନେଇ ସାଧା ପୋଷାକରେ ପୁଲିସ ଆସି ଉଠାଇ ନେବା ଏବଂ କାର୍ଯ୍ୟରତ ସୁରକ୍ଷା କର୍ମଚାରୀଙ୍କ ଅସହାୟତା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି ।



